## ସଂକ୍ଷେପରେ

### ହୋଟେଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଜନଗର,୧୯।୧୨(ଡି.ଏନ.ଏ.):** ରାଜନଗର ଥାନା ସାନବଡ଼ ଗୋପାଳପୁର ବଜାରରେ ଥିବା ଏକ ହୋଟେଲରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଯୁବକ ଜଣଙ୍କ ସେହି ହୋଟେଲରେ ୨ମାସ ହେଲା କାମ କରୁଥିଲେ। ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକ ହେଲେ ବେଲପାଳଗାଁର ମନୋଜ କୁମାର ସ୍ୱାଇଁ (୪୨)। ଶନିବାର ରାତିରେ ମାଲିକ ପ୍ରତାପ ଚନ୍ଦ୍ର ରାଉତ ହୋଟେଲ ବନ୍ଦ କରି ଘରକୁ ଯାଇଥିଲେ। ହୋଟେଲରେ ମନୋଜ ଏକୁଟିଆ ଥିଲେ। କେଉଁ କାରଣରୁ ମନୋଜ ଏପରି ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ।

### ପାନ ଦୋକାନୀଙ୍କ ଆତ୍ମହତ୍ୟା

**ମାର୍ଶାଘାଇ,୧୯।୧୨(ଡି.ଏନ.ଏ.):** ଆର୍ଥିକ ଅନାଟନ ଭିତରେ ସନ୍ତୁଳି ହୋଇ ଜଣେ ଯୁବକ ଜୀବନ ହାରିଛନ୍ତି। ମୃତକ ହେଲେ ମାର୍ଶାଘାଇ ବେହେରା ସାହିର ନିରଞ୍ଜନ ବେହେରା (୩୮)। ନିରଞ୍ଜନ ମାର୍ଶାଘାଇ ବଜାରରେ ଏକ ପାନ ଦୋକାନ କରି ପରିବାର ଚଳାଉଥିଲେ। ମାତ୍ର ସେ ସର୍ବଦା ନିଶାସକ୍ତ ହେବା ଯୋଗୁ ତାଙ୍କ ପରିବାରରେ ଆର୍ଥିକ ଅନଟନ ଲାଗି ରହିଥିଲା। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ରବିବାର ଅପରାହ୍ନରେ ଘରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ଲୋକମାନେ ତାଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରଞ୍ଜନଙ୍କ ବିଧବା ପତ୍ନୀ ଓ ୨ ଛୋଟ ଝିଅ ଅଛନ୍ତି।

### ଡଙ୍ଗର ମାଲିକ ସଂଘ ନିର୍ବାଚନ: ବିଜୟ ପୁନର୍ବାର ସଭାପତି

**ପାରାଦୀପ,୧୯।୧୨(ସ୍ୱ.ପ୍ର.):** ପାରାଦୀପର ଅନ୍ୟତମ ବୃହତ ଡଙ୍ଗର ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ଏଥିରେ ସଦା ଓ ତାଙ୍କ ଟିମ ବିଜୟ ହୋଇଛନ୍ତି। ସଂଘ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସଭାପତି ପଦ ବିଜୟ କୁମାର ନାୟକ (ସଦା) ଜିତିଛନ୍ତି। ଉପସଭାପତି ଭାବେ ଦିଲୀପ କୁମାର ବେହେରା, ସମ୍ପାଦକ ସୁରଜ କୁମାର ବାରିକ, ସହ ସଂପାଦକ ପ୍ରମୋଦ କୁମାର ସାହୁ ଓ କୋଷାଧକ୍ଷ ଅଜୟ କୁମାର ସାମଲ ବିଜୟୀ ହୋଇଛନ୍ତି। ନିର୍ବାଚନରେ ସମୁଦାୟ ୩୫୧ଜଣ ମତଦାନ କରିଥିଲେ। ବିଜୟ ଓ ତାଙ୍କ ଟିମ୍ ପୂର୍ବ କାର୍ଯ୍ୟକାଳରେ ମଧ ସମାନ ପଦବୀରେ ଜିତିଥିଲେ। ଏହି ଡଙ୍ଗରଗୁଡ଼ିକ ବନ୍ଦର ନିଷିଦ୍ଧାଞ୍ଚଳରେ ଆନ୍ତଃପରିବହନ କାମରେ ନିୟୋଜିତ ଥାନ୍ତି। ଉକ୍ତ ସଂଘର ନିର୍ବାଚନ ଉପରେ ବନ୍ଦର ବ୍ୟବହାରକାରୀ ସଂସ୍ଥା ଓ ଅନ୍ୟମାନଙ୍କ ନଜର ଥିଲା।

### ନଦୀ ମହୋତ୍ସବରେ ଚାରା ରୋପଣ

**ପାରାଦୀପ,୧୯।୧୨(ସ୍ୱ.ପ୍ର.):** ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ନଦୀ ମହୋତ୍ସବର ତୃତୀୟ ଦିବସରେ ରବିବାର ଚଉମୁହାଣିଠାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ମହାନଦୀ ତଟରେ ୬୦ରୁ ଅଧିକ ଚାରା ରୋପଣ କରାଯାଇଛି। ମହାନଦୀ ସାଉଥ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର, ଜଳସମ୍ପଦ ସହକାରୀ ଯନ୍ତ୍ରୀ ଅଶ୍ୱିନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆକାଶିଆ,କୃଷ୍ଣ ଚୂଡ଼ା, ରାଧାଚୂଡ଼ା,ଆମ୍ବ, ପଣସ ଓ ପିଜୁଳି ଆଦି ଗଛ ଲଗାଯାଇଛି।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଘଟଣା: ଜେଲ୍ ଗଲେ ଅଭିଯୁକ୍ତ

**ବାଲିକୁଦା,୧୮।୧୨(ସ୍ୱ.ପ୍ର.):** ବାଲିକୁଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଅଭିଯୁକ୍ତକୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ କୃଷ୍ଣଦାସପୁର ପଞ୍ଚାୟତସ୍ଥିତ ରାୟରପୁର ଗ୍ରାମର ସୌଭାଗ୍ୟ ରଞ୍ଜନ ମହାରଣା। ତାଙ୍କ ସହ ସମ୍ପୃକ୍ତା ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ଡିସେମ୍ବର ୮ରେ ଘରୁ ପଳାଇଯାଇ କଟକ ଗୋପାଳପୁରସ୍ଥିତ ଏକ ଭଡ଼ା ଘରେ ରହୁଥିଲେ। ଡିସେମ୍ବର ୧୪ରେ ସୌଭାଗ୍ୟଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ସାଙ୍ଗରେ ନେଇଯିବା ସହ ଯୁବତୀଙ୍କୁ ଘରେ ଛାଡ଼ି ଦେଇଥିଲେ। ମାତ୍ର ପରଦିନ ପୁଣି ସୌଭାଗ୍ୟ ସମ୍ପୃକ୍ତା ଯୁବତୀଙ୍କୁ ଭୁବନେଶ୍ୱର ଡାକିଥିଲେ। ପୀଡ଼ିତା ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ଆଉ ଫୋନ ଉଠାଇ ନ ଥିଲେ। ଏନେଇ ସମ୍ପୃକ୍ତା ଯୁବତୀ ଥାନାରେ ଅଭିଯୋଗ କରିଥିଲେ।

# କେନ୍ଦ୍ର, ରାଜ୍ୟ ମଧ୍ୟରେ ସମନ୍ୱୟ ଅଭାବ

**କେନ୍ଦ୍ରାପଡ଼ା ଅଫିସ,୧୯।୧୨**

- ସିଂହଗାଁ ସେତୁ ନିର୍ମାଣରେ ବାଧକ ଜାତୀୟ ଜଳପଥ
- ୩ ରାଜସ୍ୱ ଗ୍ରାମ ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ
- କଣ୍ଟିଆ ନାଳ ଯୋଗୁ ଆମ୍ବୁଲାନ୍ସ ଯାତାୟାତ ବନ୍ଦ

କେନ୍ଦ୍ରାପଡ଼ା ସହରଠାରୁ ସିଂହଗାଁ ମାତ୍ର ୨୬ କିଲୋମିଟର। ଏହି ଗ୍ରାମର ପ୍ରସୂତିଙ୍କ ପାଇଁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ଗର୍ଭବତୀମାନେ ଭାରରେ ବୁହା ହୋଇ ୧୦ କିଲୋମିଟର ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କିଲୋମିଟର ଦୂର ଆଳି ସିଏଚ୍‌ସିକୁ ଯାଉଛନ୍ତି। ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ଆସି ପାରୁନାହିଁ। କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜକୁ ଯିବା ପାଇଁ କଣ୍ଟିଆ ନାଳ ବାଧା ସୃଷ୍ଟି କରୁଛି। ବର୍ଷରେ ପ୍ରାୟ ୮ ମାସ ଧୋୟା ଅଞ୍ଚଳରେ ଥିବା ଏହି ୩ ରାଜସ୍ୱ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ସିଂହଗାଁ ସେତୁ ନିର୍ମାଣ ହୋଇପାରିନାହିଁ। ୫ନଂ.ଜାତୀୟ ଜଳପଥ ଏଥିପାଇଁ ବାଧକ ସାଜିଥିବା ବୁଦ୍ଧିଜୀବୀ, ପ୍ରଶାସକ ଓ ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ଏସମ୍ପର୍କରେ ବୁଦ୍ଧିଜୀବୀ ଡ. ପି.ଏନ୍. ଗୌରାଙ୍ଗ କହିଛନ୍ତି, ୨୦୦୮ରେ ଭାରତୀୟ ଆର୍ନ୍ତଦେଶୀୟ ଜଳପଥ ପ୍ରାଧୀକରଣ ଅଧୀନରେ ଥିବା ୬୨୩ କିଲୋମିଟର ଲମ୍ବର ଜାତୀୟ ଜଳପଥ ୫ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ଏହି ପ୍ରକଳ୍ପ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ନଦୀ ଶର୍ଯ୍ୟା ଖନନ ପରି ପ୍ରାଥମିକ ପର୍ଯ୍ୟାୟ କାମ ଆରମ୍ଭ ଗତ ୩ ବର୍ଷ ଧରି ବନ୍ଦ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ଏହାର ଅଗ୍ରଗତି ହୋଇ ପାରୁନାହିଁ। ଏହି ନିର୍ମାଣାଧୀନ ଜଳପଥ ମଧ୍ୟରେ ସିଂହଗାଁ ନିକଟସ୍ଥ କଣ୍ଟିଆ ନାଳ ଅଛି। କଣ୍ଟିଆ ନାଳ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ରେ ସଡ଼କ ଯୋଗାଯୋଗ ପାଇଁ ଏକ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅର୍ନ୍ତଭୂକ୍ତ ହେବାରୁ ତାହା ବନ୍ଦ ହୋଇଛି। ଜାତୀୟ ଜଳପଥ ନିର୍ମାଣର ଅହେତୁକ ବିଳମ୍ବ ଏବେ ଜିଲାର ଏହି ଧୋୟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି। ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ମଲ୍ଲିକ କହିଛନ୍ତି, ଏହି ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୩୦୦୦ରୁ ଉର୍ଦ୍ଧ୍ୱ ଅଧିବାସୀଙ୍କ ସମସ୍ୟା ତୁଟିଯିବ। କେନ୍ଦ୍ରାପଡ଼ା ସଦରକୁ ରାସ୍ତା ମିଳିବା ସହିତ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ସହିତ ସଂଯୋଗ ହେବ। ୨୦୦୮ରେ ସେତୁ ନିର୍ମାଣ ପାଇଁ ଜମି ସମସ୍ୟା ଦେଖା ଦେଇଥିଲା। ୨୦୧୨ରେ ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ଜମି ଅଧିଗ୍ରହଣ ପ୍ରସ୍ତାବ ସମସ୍ୟାର ସମାଧାନ ହୋଇଛି। ଏହାପରେ ସେତୁ ନିର୍ମାଣ ବିଳମ୍ବକୁ ବରଦାସ୍ତ କରା ନ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ହୋଇଛି। କଣ୍ଟିଆ ନାଳରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସେତୁ ନିର୍ମାଣ ହୋଇଥିଲେ ସ୍ଥାନୀୟ ଲୋକଙ୍କ କୁମ୍ଭୀର ଆତଙ୍କ କମିଥାନ୍ତା। ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି। ସରପଞ୍ଚ ଜୟନ୍ତୀ ଦାସ କହିଛନ୍ତି, ସିଂହଗାଁ ସେତୁ ନିର୍ମାଣ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ବାଧା ସୃଷ୍ଟି କରିଛି। ଆବାସ ଯୋଜନାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ ଆଦି ମୌଳିକ ସୁବିଧା ଲୋକଙ୍କ ପାଇଁ କାର୍ଯ୍ୟକାରୀ ହୋଇପାରୁନାହିଁ। ଜଳପଥ ପ୍ରକଳ୍ପ ବନ୍ଦ ହୋଇଥିବାରୁ ରାଜ୍ୟ ସରକାର ଏହି ସେତୁ ନିର୍ମାଣକୁ ଗୁରୁତ୍ୱ ଦେବା କଥା। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବା ସରପଞ୍ଚ ଦାସ ପ୍ରକାଶ କରିଛନ୍ତି।

ଏସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କୁହନ୍ତି, ସେତୁ ପାଇଁ ପ୍ରାଥମିକ ଅବସ୍ଥାରେ ବାଧା ସୃଷ୍ଟି କରୁଥିବା ଜମି ସମସ୍ୟାର ସମାଧାନ ହୋଇଛି। ସେହି ସ୍ଥାନ ଦେଇ ଜାତୀୟ ଜଳପଥ ଯାଉଥିବାରୁ ସିଂହଗାଁ ସେତୁ ନିର୍ମାଣ ବିଳମ୍ବ ହୋଇଛି। ତେବେ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ଉପଜିଲାପାଳ ବେହେରା ପ୍ରକାଶ କରିଛନ୍ତି।

## ମରାମତି ତାଲିକାରେ ସ୍ଥାନପାଇନି ବିପର୍ଯ୍ୟସ୍ତ ରାସ୍ତା

**ନାଉଗାଁ,୧୯।୧୨(ସ୍ୱ.ପ୍ର)**



କୋରୁଅ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବାଲିଗାଁକୁ ଯାଇଥିବା ରାସ୍ତା।

**ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିଲା**
- ୬୯ଟି ରାସ୍ତା ପାଇଁ ୧ କୋଟିରୁ ଊର୍ଦ୍ଧ୍ୱ ବ୍ୟୟବରାଦ
- ରାସ୍ତାର ଲମ୍ବଠାରୁ ଅଧିକ ଦର୍ଶାଇ ବିଲ୍ କରିବାକୁ ମସୁଧା

ଗତ ସେପ୍ଟମ୍ବରରେ ହୋଇଥିବା ପ୍ରବଳ ବର୍ଷାରେ ନାଉଗାଁ ବ୍ଲକର ଅନେକ ରାସ୍ତା ଧୋଇ ଯାଇଥିଲା। ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାକୁ ପୁନଃ ମରାମତି କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହାକୁ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା। ତାହାର ତାଲିକା ଏବେ ଜିଲାପାଳଙ୍କ ପୋର୍ଟାଲରେ ପ୍ରକାଶ ପାଇଛି। ଏହି ତଥ୍ୟ ଅନୁସାରେ ବର୍ଷାରେ ବ୍ଲକର ୧୬ ପଞ୍ଚାୟତରେ ୬୯ଟି ରାସ୍ତା ଧୋଇ ହୋଇଯାଇଥିଲା। ଏଗୁଡ଼ିକର ମରାମତି ପାଇଁ ୧ କୋଟି ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି।

ତେବେ ପ୍ରକୃତ ରାସ୍ତାର ଲମ୍ବ କେଉଁଠି ୪୦ ଫୁଟ, ଆଉ କେଉଁଠି ୬୦ ଫୁଟ ହୋଇଥିବା ବେଳେ ପୋର୍ଟାଲରେ ଏହାକୁ ଏକ କିଲୋମିଟର ଦର୍ଶାଇ ଅଧିକ ବିଲ୍ କରିବାକୁ ମସୁଧା କରାଯାଇଛି। ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ପଞ୍ଚାୟତରେ ବର୍ଷାରେ ଅଧିକ ରାସ୍ତା ବିପର୍ଯ୍ୟସ୍ତ ହୋଇଥିବା ବେଳେ ତାଲିକାରେ ସେଗୁଡ଼ିକୁ ଦେଖିବାକୁ ମିଳୁନି। ଅପରପକ୍ଷେ ସାମାନ୍ୟ ଖାଲଖମା ଥିବା ରାସ୍ତାକୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିବା ଅଭିଯୋଗ ହୋଇଛି। କୋରୁଅ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବାଲିଗାଁ ବାରିକ ସାହି ରାସ୍ତା, ତିରୁଣା ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ ବେହୁରା ସାହି ପର୍ଯ୍ୟନ୍ତ ରାସ୍ତା ବର୍ଷାରେ ଶୋଚନୀୟ ହୋଇଯାଇଥିଲେ ମଧ ତାଲିକାରେ ସ୍ଥାନ ପାଇନାହିଁ। ଗତ ଅମ୍ଫନ ବାତ୍ୟାରେ ବ୍ଲକରେ ଏହିପରି ଅନେକ ରାସ୍ତା ବିପର୍ଯ୍ୟସ୍ତ ହୋଇଥିଲେ ମଧ ଚଞ୍ଚକତା କରାଯାଇ ଏହାକୁ ବାଦ୍ ଦିଆଯାଇ ବ୍ୟକ୍ତିଗତ ସ୍ଥାନରେ ରାସ୍ତା ନିର୍ମାଣ କରାଯାଇଥିଲା। ଏନେଇ ସେତେବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁନର୍ବାର ବ୍ଲକ ପ୍ରଶାସନ ପକ୍ଷରୁ ମନମୁଖି ଭାବେ ତାଲିକା ପ୍ରସ୍ତୁତ କରାଯାଇଥିବା ନେଇ ସୁବାସ ସ୍ୱାଇଁ, ଅଶୋକ ସ୍ୱାଇଁ ଓ ନିରଞ୍ଜନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲ୍ଲିକ କୁହନ୍ତି, ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ରାସ୍ତା ତଦାରଖ କରି ତାଲିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଥିଲା। ଯଦି ଆବଶ୍ୟକଠାରୁ ଦୂରତ୍ୱ କମ୍ ଥିବ ତାହାକୁ ମାପ କରାଯାଇ ବିଲ୍ କରାଯିବ ବୋଲି କହିଥିଲେ।

## ୨ ଶିକ୍ଷକଙ୍କ ଆମର ଅନଶନ ନିଷ୍ପତ୍ତି

**ଆଳି,୧୯।୧୨(ଡି.ଏନ୍.ଏ.)**

**ପ୍ରମୋଶନ ଅର୍ଡର ଦେଉନାହାନ୍ତି ମଣ୍ଡଳ ଶିକ୍ଷା ଅଧିକାରୀ**

ବରିଷ୍ଠତା ଭିତ୍ତିରେ ପ୍ରମୋଶନ ପାଇଥିବା ଦୁଇ ଅନୁସୂଚିତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ସେମାନଙ୍କ ପ୍ରମୋଶନ ଅର୍ଡର ଦେଉନାହାନ୍ତି। ଏହାର ପ୍ରତିବାଦରେ ସେମାନେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଧମକ ଦେଇଛନ୍ତି। ପ୍ରମୋଶନ ପାଇଥିବା କୁମ୍ଭାରଟଙ୍କା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରୁଷୋତ୍ତମ ବେହେରା ଆଳି ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ସେ ୨୦୦୫ରେ ଜଣେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇ୨୦୧୧ରେ ଜଣେ ନିୟମିତ ଶିକ୍ଷକ ଭାବେ ଲେଭେଲ -ଭି(ଏ)ର ଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ। ବରିଷ୍ଠତା ଭିତ୍ତିରେ ତାଙ୍କୁ ୨୦।୧୦।୨୦ ରେ ଲେଭେଲ-ଭି(ବି) ଶିକ୍ଷକ ପଦକୁ ପ୍ରମୋଶନ ଦିଆଯାଇଥିଲା। ୨୦୨୧ରେ ତାଙ୍କୁ ଗ୍ରାଜୁଏଟ ଶିକ୍ଷକ ଭାବେ ପ୍ରମୋଶନ ଦେବା ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଅନୁମୋଦନ ମଧ ମିଳିସାରିଛି। ଏହି ପରିପେକ୍ଷୀରେ ତାଙ୍କ ସାର୍ଟିଫିକେଟ ମଧ ଯାଞ୍ଚ ସରିଛି। ତାଙ୍କ ସହିତ ଥିବା ଅନ୍ୟ ଅନୁସୂଚିତ ଜାତିର ଶିକ୍ଷକମାନେ ସେମାନଙ୍କ ପ୍ରମୋଶନ ଅର୍ଡର ପାଇ ନୂତନ କାର୍ଯ୍ୟରେ ଯୋଗଦାନ କରିଥିଲେ ମଧ ସେ ଏପର୍ଯ୍ୟନ୍ତ ଶିକ୍ଷା ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁ ଅର୍ଡର ପାଇ ନାହାଁନ୍ତି। ଏ ସଂକ୍ରାନ୍ତରେ ସେ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ସେଥିପାଇଁ ସେ ଆମରଣ ଅନଶନ କରିବାକୁ ବାଧ ହେଉଛନ୍ତି ବୋଲି କହିଛନ୍ତି। ଅନ୍ୟ ଜଣେ ଅନୁସୂଚିତ ବର୍ଗର ଶିକ୍ଷକ ପାଳିମି ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟର ଭରତ କୁମାର ସାହୁ ୨୦୦୧ରେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇ ଏବେ ଗ୍ରାଜୁଏଟ ଶିକ୍ଷକକୁ ପ୍ରମୋଶନ ପାଇଛନ୍ତି। ହେଲେ ମଣ୍ଡଳ ଶିକ୍ଷା ଅଧିକାରୀ ତାଙ୍କୁ ତାଙ୍କର ଅର୍ଡର ଦେଇ ନାହାନ୍ତି। ତେଣୁ କଥିତ ଦୁଇ ଶିକ୍ଷକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୧ ରୁ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଏ ବିଷୟରେ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ ଏ ସଂକ୍ରାନ୍ତରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।



ଜୱାଦ ବାତ୍ୟା ପ୍ରଭାବ ଲଗାଣ ବର୍ଷା ଜଳ ଏବେ ବି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳର ପାଚିଲା ଧାନ କ୍ଷେତରେ ଜମିରହିଛି। ଚାଷୀ ପରିବାର ସଦସ୍ୟମାନେ ଏକ ଫାଇବର ଉପରେ ଧାନ ସଂଗ୍ରହ କରି ଉପରକୁ ନେଉଛନ୍ତି।

## ୟୁନାଇଟେଡ୍ କ୍ଲବ ଗଣ୍ଡରପୁର ଚାମ୍ପିୟନ

**ବିରିଡି,୧୯।୧୨(ଡି.ଏନ୍.ଏ.)**

**ଏକ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବିରିଡି ବ୍ଲକ ଅନ୍ତର୍ଗତ ୨୨ ମୌଜା ପୁରଣସ୍ଥିତ ରବିବାର ପୁରଣ ଖେଳପଡ଼ିଆରେ ଏକ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରଘୁନାଥଜୀଉ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ ଫୁଟ୍‌ବଲ ଟିମ୍ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ବୈଦନାଥ କ୍ରୀଡା ସଂସଦ, ମଇଁଦିପୁର ଓ ୟୁନାଇଟେଡ କ୍ଲବ ଗଣ୍ଡରପୁର ବାରଙ୍ଗ ମଧ୍ୟରେ ହୋଇଥିଲା। ଟାଇବ୍ରେକର ଜରିଆରେ ୟୁନାଇଟେଡ କ୍ଲବ ୪-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ପରେ ଆୟୋଜିତ ସଭାରେ ପ୍ରଦୀପ୍ତ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଲତା ଦାସ, ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ବରିଷ୍ଠ ବିଜେଡି ନେତା ନୃସିଂହ ଦାଶ, ବିଜେଡି ରାଜ୍ୟ ଯୁବ ସମ୍ପାଦକ ପ୍ରଦୀପ୍ତ ଭୂୟାଁ, ସମିତିସଭ୍ୟ ମିତାଞ୍ଜଳି ଭୋଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ୟୁନାଇଟେଡ କ୍ଲବ ଗଣ୍ଡରପୁରକୁ ଚାମ୍ପିୟନଟ୍ରଫି ଓ ବୈଦନାଥ କ୍ରୀଡା ସଂସଦକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ସୁଜିତ କୁମାର ସେନାପତି, ପ୍ରଦୀପ୍ତ କୁମାର ଦାଶ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ରେଫରିଭାବେ ଦୈତାରି କରୁଆ, ପ୍ରଦୀପ୍ତ ମହାନ୍ତି, ସୁନୀଲ ହେମରମ, ଜନ୍ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଭିତରକନିକାରେ ପ୍ରକୃତିପ୍ରେମୀଙ୍କ ଭିଡ଼

**ରାଜନଗର,୧୯।୧୨(ଡି.ଏନ.ଏ.)**



ଭିତରକନିକା ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ଭିଡ଼ ଜମିଛି।

**ରବିବାର ୧୪୫୫ ପର୍ଯ୍ୟଟକ**

ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଆରମ୍ଭ ହୋଇଛି ପିକ୍‌ନିକ୍ ଋତୁ। ଚଳିତବର୍ଷ ଅକ୍ଟୋବରରୁ ଦେଶ ବିଦେଶ ପର୍ଯ୍ୟଟକଙ୍କ ଆରମ୍ଭ ହୋଇଛି ଭିତରକନିକା ଯାତ୍ରା। ପ୍ରତିଦିନ ଶତାଧିକ ପର୍ଯ୍ୟଟକ ଭିତରକନିକାକୁ ଆସି ମଜା ଉଠାଉଛନ୍ତି। ପର୍ଯ୍ୟଟକମାନେ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ରବିବାର ଗୋଟିଏ ଦିନରେ ଭିତରକନିକାକୁ ୧୪୫୫ଜଣ ପର୍ଯ୍ୟଟକ ଆସିଥିବା ସୂଚନା ମିଳିଛି। ଗୁପ୍ତିଏଣ୍ଟ୍ରି ପଏଣ୍ଟ ଦେଇ ୨୧ଟି ବୋଟରେ ୨୯୫ଜଣ ପର୍ଯ୍ୟଟକ ଭିତରକନିକା ଆସିଥିବା ବେଳେ ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୬୬ଟି ବୋଟରେ ୬୩୪ ଜଣ ପର୍ଯ୍ୟଟକ, ଜୟନଗର ଏଣ୍ଟ୍ରି ପଏଣ୍ଟ ଦେଇ ୧୨ଟି ବୋଟରେ ୧୩୧ଜଣ ପର୍ଯ୍ୟଟକ ଭିତରକନିକାର ପ୍ରାକୃତିକ ଶୋଭା ଉପଭୋଗ କରିଛନ୍ତି। ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ସ୍ଥଳପଥରେ ୩୯୫ଜଣ ପର୍ଯ୍ୟଟକ ଭିତରକନିକା ବୁଲିଛନ୍ତି। ସେଥିମଧ୍ୟରୁ ୨ଶହ ପର୍ଯ୍ୟଟକ ଡାଙ୍ଗମାଳରୁ ୧୨ଟି ବୋଟରେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି।

ଜାତୀୟ ଉଦ୍ୟାନରେ ଭିଡ଼ ଜମାଇଥିବା ଅଷ୍ଟ୍ରେଲିଆ, ଆଫ୍‌ଗାନିସ୍ତାନ, ଆମେରିକା, ପାକିସ୍ଥାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀମାନଙ୍କ ସହିତ ଦେଶୀୟ ପକ୍ଷୀଙ୍କ କାକଳିରେ ବିମୋହିତ ହୋଇପଡୁଛନ୍ତି ପର୍ଯ୍ୟଟକ। ବିରଳ ବଉଳାକୁମ୍ଭୀର, ଡଲଫିନ୍, ଅଲିଭ୍ ରିଡ୍‌ଲେ କଇଁଛ, ହରିଣ, ବାଘ୍‌ହା, ସମ୍ବର, ଫିସିଂକ୍ୟାଟ୍, ହାଏନା, ଝିଙ୍କ ସହିତ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀମାନେ ବି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଏଥିସହିତ ଅଭୟାରଣ୍ୟରେ ଅନ୍ୟତ୍ର ଲୁପ୍ତପ୍ରାୟ ହେନ୍ତାଳବଣ ଓ ୬୩ ପ୍ରକାର ଲୁଣା ଜଙ୍ଗଲ ରହିଛି। ହେନ୍ତାଳ, ସୁନ୍ଦରୀ, ଶିଶୁମାର, କେରୁଆଁ, ରାଇ, ବଣି, ଗରଣି, ଖରସି, ବନ୍ଦରୀ, ପାଣିଆମ୍ବ, ସିଙ୍ଗଡା, ପିତାମ୍ବରୀ, ପିତକୋରୁଆ ଭଳି ବିରଳ ଉଦ୍ଭିଦ ସହିତ ମନୋରମ ପ୍ରକୃତି ଓ ପରିବେଶ ପର୍ଯ୍ୟଟକଙ୍କ ମନ କିଣି ନେଇଛି। ଭିତରକନିକାକୁ ଯାତ୍ରା ସମୟରେ ନୌକାଭ୍ରମଣରେ ପ୍ରକୃତିକୁ ନିକଟରେ ଦେଖିବାର ସୁଯୋଗ ଓ ନଦୀ ପଠାରେ ବିରଳ ବଉଳା କୁମ୍ଭୀରଙ୍କ ଖରାପୋଇଁବା ଓ ମିଳନ ଦୃଶ୍ୟ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି। ଏଥିସହିତ ସାରାବିଶ୍ୱରେ ଚର୍ଚ୍ଚିତ ଶଙ୍ଖ ମଲମଲ ପରିକୁମ୍ଭୀର 'ଗୌରୀ' ପରି ଧଳାକୁମ୍ଭୀର ଶଙ୍ଖୁଆ ଓ ହାଇଦ୍ରାବାଦୀକୁ ଦେଖିବାକୁ ପର୍ଯ୍ୟଟକମାନେ ଭିଡ଼ ଜମାଉଛନ୍ତି। ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଡାଙ୍ଗମାଳକୁମ୍ଭୀର ପ୍ରଜନନ କେନ୍ଦ୍ରରେ ଥିବା ୨ଫୁଟର ଆଉ ଏକ ଧଳାକୁମ୍ଭୀର। ଏହାବାଦ୍ ମିୟୁଜିୟମ୍‌ରେ ୧୯ ଫୁଟ୍ ଓ ୧୭ ଫୁଟ୍ ଲମ୍ବର ବିରାଟକାୟ ୨ ବଉଳା କୁମ୍ଭୀରଙ୍କ କଙ୍କାଳ ସହିତ ଭିତରକନିକାରେ ଥିବା ପ୍ରାୟ ସମସ୍ତ ସ୍ତନ୍ୟପାୟୀ ଓ ସରୀସୃପ ପ୍ରାଣୀଙ୍କ କଙ୍କାଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଛି।

### ୩ ନଂ. ଜୋନ୍ ଜିଲା ପରିଷଦ ପାଇଁ ସିପିଆଇର ପ୍ରାର୍ଥୀ ଘୋଷଣା

**କୁଜଙ୍ଗ,୧୯।୧୨(ଡି.ଏନ୍.ଏ.)**

ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ କୁଜଙ୍ଗ ବ୍ଲକରେ ରବିବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦୀନବନ୍ଧୁ ତରାଇଙ୍କ ଜନ୍ମ ମାଟି ମଙ୍ଗରାଜପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କମ୍ୟୁନିଷ୍ଟ ନେତା ପୁରୁଷୋତ୍ତମ ସ୍ୱାଇଁ ପାର୍ଟିର ପତାକା ଉତ୍ତୋଳନ କରିଥିଲେ। କୁଜଙ୍ଗ ପାରାଦୀପ ଆଞ୍ଚଳିକ କମିଟି ସମ୍ପାଦକ ଶରତ ବେହେରା ଯୋଗଦେଇ ସିପିଆଇ ପୂର୍ବ ଗୌରବ ଫେରାଇ ଆଣିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବବାଚନ ପାଇଁ କୁଜଙ୍ଗ ୩ ନଂ ଜୋନ୍ ଜିଲା ପରିଷଦ ପ୍ରାର୍ଥୀଭାବେ ପୂର୍ବତନ ବିଧାୟିକା ପ୍ରାର୍ଥିନୀ ଡା. ଜିନ୍ମୟୀ ସାହାଣୀଙ୍କ ନାମ ଘୋଷଣା କରାଯାଇଥିଲା। ବୈଠକରେ ଶ୍ରୀନିବାସ ଜୁଝାରସିଂ, ଶ୍ରୀଧର ସ୍ୱାଇଁ, କୃତ୍ତିବାସ ସ୍ୱାଇଁ, ରବୀନ୍ଦ୍ର ମହାପାତ୍ର, ଶରତ ବଳିୟାର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ୨୫ ଜଣିଆ କମିଟି ଘୋଷଣା କରାଯାଇଥିଲା।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

**ସାଲେପୁର,୧୯।୧୨(ଡି.ଏନ୍.ଏ.)**

କଟକ ଜିଲା ସାଲେପୁର ଥାନା ଅଧୀନ କୋଲଣପୁର ଗ୍ରାମର ଜଣେ ବ୍ୟକ୍ତି ରବିବାର ବିଦ୍ୟୁତ୍ ସସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ କୁମାର ପରିଡ଼ା (୪୫)। ସନ୍ଧ୍ୟାରେ ଘରେ କୌଣସି କାର୍ଯ୍ୟ କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ସଂଯୋଗ ହୋଇଥିବା ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ସାଲେପୁର ଶିକ୍ଷା ମଣ୍ଡଳ ଅଧୀନ ରାମକୃଷ୍ଣପୁର ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଭାବେ କାର୍ଯ୍ୟ କରୁଥିଲେ।

### ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

**କେନ୍ଦ୍ରାପଡ଼ା ଅଫିସ, ୧୯।୧୨**

ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର କେନ୍ଦ୍ରାପଡ଼ା ଜିଲା ଶାଖା କର୍ମକର୍ତ୍ତା ଚୟନ ରବିବାର ସରିଛି। ଜିଲା ଶିକ୍ଷକ ଭବନରେ ଅନୁଷ୍ଠିତ ବୈଠକରେ ଦୀପକ ମହାନ୍ତିଙ୍କୁ ସଭାପତି ଓ ଅକ୍ଷୟ କୁମାର ପୋଥାଳଙ୍କୁ ସମ୍ପାଦକ ଭାବେ ମନୋନୟନ କରାଯାଇଛି। ଏଥିସହ କର୍ମକର୍ତ୍ତା ଭାବେ ଉପସଭାପତି ବିନୋଦ ବିହାରୀ ଦାସ, କାବୁଲି ମଲ୍ଲିକ, ସହସମ୍ପାଦକ ଦାମୋଦର ରାଉତ, ସହସମ୍ପାଦିକା ହିମାନୀ ମିଶ୍ର, କୋଷାଧ୍ୟକ୍ଷ ଅଶୋକ ପତି, ହିସାବ ରକ୍ଷକ ରମେଶ ଚନ୍ଦ୍ର ପତି, ନିରଞ୍ଜନ ପଣ୍ଡା ସଂଘ କମିଟିରେ ଅଛନ୍ତି। ଏହି ବୈଠକରେ ରାଜ୍ୟ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସମ୍ପାଦକ ବିଭୁପ୍ରସାଦ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନବ ମନୋନୀତ ସଭାପତି ମହାନ୍ତି କହିଛନ୍ତି, ସଙ୍ଗଠନକୁ ସୁଦୃଢ଼ କରିବା ସହିତ ଶିକ୍ଷକଙ୍କ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପେନସନ ବ୍ୟବସ୍ଥା, ଠିକା ନିଯୁକ୍ତି ଆଦି ସମସ୍ୟା ପ୍ରତି ଗୁରୁତ୍ୱ ଦେବେ। ଏହି ବୈଠକରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

### ଆଜିଠୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଅଡିସନ୍

**ଜଗତ୍‌ସିଂହପୁର ଅଫିସ, ୧୯।୧୨**

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାମିଲ ପାଇଁ ଜଗତ୍‌ସିଂହପୁର ଜିଲାର ଶତାଧିକ ଲୋକ ଆବେଦନ କରିଛନ୍ତି। ଆବେଦନକାରୀଙ୍କୁ ବ୍ଲକ ଓ ପୌର ପରିଷଦସ୍ତରରେ ଅଡିସନ୍ ଦେବାକୁ ପଡ଼ିବ। ଏନେଇ ୨୦ ଓ ୨୧ ତାରିଖରେ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଜିଲାର ସମସ୍ତ ବ୍ଲକ, ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦରେ ଅଡିସନ୍ ଟେଷ୍ଟ (ସାମର୍ଥ୍ୟ ପରୀକ୍ଷା) କରାଯିବ। କଳାରେ ଦକ୍ଷତା ଥିବା ବ୍ୟକ୍ତି ବିଚାରକଭାବେ ରହିବେ। ସଂସ୍କୃତି ବିଭାଗର ଗାଇଡ୍‌ଲାଇନ୍ ଅନୁଯାୟୀ ଅଡିସନ୍ ପରେ ସର୍ବାଧିକ ବୟସ ଏବଂ ଯୋଗ୍ୟତା ମାପକାଠି ଆଧାରରେ ଚୟନ କରାଯିବ। ତେବେ ସେମାନଙ୍କ ମଧ୍ୟରୁ ୮୫ ଜଣଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଓ ଅବଶିଷ୍ଟଙ୍କୁ ୱେଟିଂ ତାଲିକାରେ ରଖାଯିବ। ପରବର୍ତ୍ତୀ ସମୟରେ ମିଳିବାକୁ ଥିବା ଧାର୍ଯ୍ୟ ଲକ୍ଷ୍ୟ ଏହି ତାଲିକାରୁ ପୂରଣ ହେବ। ଫଳରେ କଳାକାରମାନଙ୍କୁ ଆଉ ଆବେଦନ ବା ଅଡିସନ୍ ଦେବାକୁ ପଡ଼ିବ ନାହିଁ।

## ସଂକ୍ଷେପରେ

### ବଡ଼ଚଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ

**ଚଣ୍ଡିଖୋଲ,୧୯।୧୨(ଡି.ଏନ.ଏ.):** ବଡ଼ଚଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ନିର୍ବାଚନ ରବିବାର ବଡ଼ଚଣାସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିପିନ କୁମାର ରାଉତରାୟ ସଭାପତିଭାବେ ନିର୍ବାଚିତ ହୋଇଥିବାବେଳେ ସମ୍ପାଦକଭାବେ ସମରକେତନ ନାୟକ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ୭୮୫ ଶିକ୍ଷୟିତ୍ରୀଶିକ୍ଷକ ଭାଗନେଇ ମତଦାନ କରିଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଂଘର ୧୨ କର୍ମକର୍ତ୍ତା ନିର୍ବାଚନ ଅଧିକାରୀ ଭାବେ ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଫଳ ଘୋଷଣା କରାଯାଇଥିଲା। ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ମହାସଚିବ ଅମିୟ କୁମାର ଦାସ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇଥିଲେ। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ କାର୍ଯ୍ୟ କରିବେ ବୋଲି ନବ ନିର୍ବାଚିତ ପ୍ରତିନିଧିମାନେ ମତ ରଖିଛନ୍ତି।

### ଅସହାୟଙ୍କୁ ସହାୟତା

**ପାଣିକୋଇଲି,୧୯।୧୨(ଡି.ଏନ.ଏ.):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ବିପଦରେ ସାଥି ପକ୍ଷରୁ ଅସାହାୟଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ଯାହାର ଯେଉଁ ବସ୍ତ୍ର ଦରକାର ସେ ନେଇପାରିବ ଓ ଦେଇପାରିବା ସକ୍ଷମ ଥିବା ବ୍ୟକ୍ତି ବସ୍ତ୍ର ଦାନ କରିପାରିବ ବୋଲି ସଂଗଠନ ପକ୍ଷରୁ ସ୍ଥିର କରାଯାଇଥିଲା। ତଦନୁଯାୟୀ ରବିବାର ପାଣିକୋଇଲି ଓଭରବ୍ରିଜ ତଳେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଲୋକଙ୍କୁ ଶୀତ ବସ୍ତ୍ର ସହ ଅନ୍ୟ ପୋଷାକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ଉଦ୍‌ଘାଟନ କରିଥିଲେ। ଯାଜପୁର ଥାନାଧିକାରୀ ଅଜୟ କୁମାର ଜେନା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ସୂର୍ଯ୍ୟମଣି ପଣ୍ଡା, ସନ୍ତୋଷ ବେହେରା, ମଧୁସୂଦନ ସାହୁ, ରଘୁନାଥ ମାଝୀ, ଗୋକୁଳାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସୁବାସ ଧଳ, ତାରିଣୀ ପଟ୍ଟନାୟକ ଓ ଅଶୋକ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଜେଡିରେ ଯୋଗଦେଲେ ଅନ୍ୟ ଦଳର କର୍ମୀ

**ଦଶରଥପୁର,୧୯।୧୨(ଡି.ଏନ.ଏ.):** ଦଶରଥପୁର ବ୍ଲକ ଅଧୀନ ଡାହାଣହତା ପଞ୍ଚାୟତସ୍ଥିତ କୁଆଁସ ମା' ମଙ୍ଗଳା ପୀଠରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଦୁରାଅନ୍ତା ପୂର୍ବତନ ସରପଞ୍ଚ ତଥା କଂଗ୍ରେସ ନେତା ରଶ୍ମିରଞ୍ଜନ ସେଠୀଙ୍କ ସହ ଅନ୍ୟ କର୍ମୀ ଓ ଭାଜପା ଏବଂ ବଜରଙ୍ଗ ଦଳର ଶତାଧିକ କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣପର୍ବରେ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ବ୍ଲକ ଅଧକ୍ଷା ସୁଜାତା ସାହୁ, ଜିଲା ବିଜେଡି ଉପସଭାପତି ଜୟନ୍ତ କୁମାର ନାୟକ, ଜିଲା ପରିଷଦ ସଭ୍ୟା, ରଞ୍ଜିତା ରାଉତ, ମାମିନା ମଲ୍ଲିକ, ଚମ୍ପେଇପାଳ ବିଜେଡି ସଭାପତି ସୁଶୀଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ସ୍ୱଚ୍ଛ ଶାସନ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସାଂଗଠନିକ ବ୍ୟବସ୍ଥା ଉପରେ ଆଶା ପ୍ରକଟକରି ସେମାନେ ବିଜେଡିରେ ଯୋଗଦେଇଥିବା କହିଥିଲେ। ଦୁଦୁରାଅଣ୍ଟା ପଞ୍ଚାୟତ ଭାଜପା ପ୍ରମୁଖ ଶ୍ରୀନିବାସ ରାଉତ, ରମାକାନ୍ତ ପରିଡା, ଅଜୟ ମହାଲିକ, ପ୍ରଭାସ କୁମାର ସେନାପତି, କମଳାପତି ମିଶ୍ର ପ୍ରମୁଖଙ୍କ ସହ ଚମ୍ପେଇପାଳ ପଞ୍ଚାୟତର ଯୁବ କଂଗ୍ରେସ ନେତା ବିଶ୍ୱଜିତ୍ ମହାନ୍ତି, ରାକେଶ ଜେନା, ରମେଶ ମଲ୍ଲିକ, ନାରାୟଣ ଜେନା, ଗଙ୍ଗାଧର ରାଉତ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

# ଖଣି ଅଞ୍ଚଳରେ ଓଭରଲୋଡ଼ିଂ

**ଯାଜପୁର ଅଫିସ,୧୯।୧୨**

ଯାଜପୁର ଜିଲାରେ ପଥରକ୍ୱାରି ଓ କ୍ରଶର ସମେତ ବାଲି ଖାଦାନଗୁଡ଼ିକରୁ ଓଭରଲୋଡିଂ ଗାଡ଼ି ଚଳାଚଳ ଅଣାୟତ୍ତ ହୋଇଛି। ବିଶେଷକରି ସୁକିନ୍ଦା ଅଞ୍ଚଳକୁ ଢେଙ୍କାନାଳ ଜିଲା ଭୁବନ ଏବଂ ଯାଜପୁର ଜିଲାର ଚଢ଼େଇଧରା ଅଞ୍ଚଳରୁ ଚିପ୍ସ, ମେଟାଲ, ବୋଲଡର ଓ ବାଲି ଓଭରଲୋଡିଂ ପରିବହନ ଯୋଗୁ ସଂପୃକ୍ତ ରାସ୍ତାଗୁଡ଼ିକ ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ ହୋଇଛି। ଜିଲାଗୁଡ଼ିକରେ ଆଞ୍ଚଳିକ ପରିବହନ ଅଧିକାରୀମାନେ ନିଜେ ଦାୟିତ୍ୱ ନେଇ ଓଭରଲୋଡିଂ ଗାଡ଼ି ଚଳାଚଳକୁ ରୋକିବାକୁ ନିର୍ଦ୍ଦେଶ ହୋଇଥିଲେ ହେଁ ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ ସଡ଼କ ସୁରକ୍ଷା ଆଇନ ଲକ୍ଷ୍ୟଚ୍ୟୁତ ହୋଇଛି।

ଜିଲାର ଧର୍ମଶାଳା ତହସିଲ ଅଞ୍ଚଳରୁ ହାଇୱା, ଟ୍ରକ୍, ଟ୍ରାକ୍ଟରରେ ବେଆଇନ ଓଭରଲୋଡିଂ ଗାଡ଼ି ଚଳାଚଳ କରୁଛି। ଦିନକୁ ୨ହଜାରରୁ ଊର୍ଦ୍ଧ୍ୱ ବୋଲଡର, ଗେଟି, ଚିପ୍ସ ଆଦି ମାଲ ଓଭରଲୋଡିଂ ଗାଡ଼ି ଚଳାଚଳ କରୁଥିଲେ ହେଁ ରାଜସ୍ୱ ଆଦାୟ ଅଶାନୁରୂପ ହୋଇ ପାରୁନାହିଁ। ବରଂ ମାସକୁ ବେଆଇନ ଭାବେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅସୁଲି କରାଯାଉଛି। ଫଳରେ ବର୍ଷକୁ ସରକାର ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା କେବଳ ଓଭରଲୋଡିଂ ବାବଦକୁ ରାଜସ୍ୱ ହରାଉଛନ୍ତି। ଏହି ବେଆଇନ କାର୍ଯ୍ୟରେ ରାଜ୍ୟ ପରିବହନ ବିଭାଗର କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ସାମିଲ ଥିବାରୁ ଆଞ୍ଚଳିକ ପରିବହନ ବିଭାଗକୁ ସୁହାଇଲା ଭଳି ବାର୍ଷିକ ରାଜସ୍ୱ ଆଦାୟ ଲକ୍ଷ୍ୟଧାର୍ଯ୍ୟ ଦିଆଯାଉଛି। ଫଳରେ ବିଭାଗ ଅତି ସହଜରେ ଲକ୍ଷ୍ୟଧାର୍ଯ୍ୟ ହାସଲ କରି ବାହୁସ୍ଫୋଟ ମାରୁଥିବା ଅଭିଯୋଗ ହେଉଛି। କାଳିଆପାଣି ଅଞ୍ଚଳରେ ଥିବା ଇମ୍ଫା, ଟାଟା ଖଣି, ଓଏମ୍‌ସି, ଫେକର ଆଦି ଖଣିରେ ଭୂତଳରୁ ଖଣିଜ ସାମଗ୍ରୀ ଉତ୍ତୋଳନ ହେଉଛି। ତେଣୁ ଏହି ଭୂତଳ ଅଞ୍ଚଳରେ ପୋତିବାକୁ ପ୍ରାୟ ୧୦୦ ରୁ ୧୫୦ ଟ୍ରିପ୍ ବାଲିର ଆବଶ୍ୟକତା ପଡ଼ିଥାଏ। ତେଣୁ ଖଣି ଅଞ୍ଚଳକୁ ଆବଶ୍ୟକ ବାଲି ବ୍ରାହ୍ମଣୀ ନଦୀର ଭୁବନ, ମାର୍ଥାପୁର, କବାଟବନ୍ଧ ଆଦି ଅଞ୍ଚଳରୁ ପରିବହନ ହୋଇଥାଏ। ଏହାବାଦ ଚଢେଇଧରା ଅଞ୍ଚଳରୁ ଚିପ୍ସ, ମେଟାଲ ଆଦି ଖଣି ଅଞ୍ଚଳକୁ ଯାଇଥାଏ। ଚଢେଇଧରା ଓ ଭୁବନରୁ କାଳିଆପାଣି ଯାଉଥିବା ଗାଡ଼ିଗୁଡ଼ିକ ଢେଙ୍କାନାଳ ଓ ଚଣ୍ଡିଖୋଲ ଆରଟିଓ ଅଧୀନରେ ରହିଛି। ଏହି ରାସ୍ତାଗୁଡ଼ିକରେ କ୍ଷମତାରୁ ଅତ୍ୟଧିକ ପଥର ଓ ବାଲି ବୋଝେଇ ହେଉଥିବାରୁ ସାଧାରଣ ଲୋକଙ୍କ ପ୍ରତି ବିପଦ ଆଶଙ୍କା ରହୁଛି। କେବଳ ଟ୍ରକ୍ ଓ ଟ୍ରାକ୍ଟର ଉପରେ ବିଭାଗ ଦାଉ ସାଧୁଥିବାବେଳେ ଓଭରଲୋଡିଂ ହାଇୱା ଗାଡ଼ିଗୁଡ଼ିକୁ ପରିବହନ ବିଭାଗ ଆଦୌ ଧରୁନାହିଁ। ଓଭରଲୋଡିଂ ମାଲ ପରିବହନ ଯୋଗୁ ଅନେକ ରାସ୍ତା ଫାଟି ନଷ୍ଟ ହେଉଛି। ଏହି ଓଭରଲୋଡିଂ କାରବାରରେ ଖଣି କମ୍ପାନୀର କେତେଜଣ ଅଧିକାରୀଙ୍କ ସମ୍ପୃକ୍ତି ରହିଛି ବୋଲି ମଧ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ କାଳିଆପାଣି ଅଞ୍ଚଳର ଲୋକେ ଢେଙ୍କାନାଳ ଓ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ ବୋଲି ପ୍ରକାଶ କରିଛନ୍ତି।

### ୧୨ ଚକିଆ ଟ୍ରକ୍ ବୋହୁଛି ୬୦ ଟନ ମାଲ

ପରିବହନ ବିଭାଗର ନିଷ୍କ୍ରିୟତା ତଥା ଉଦାସୀନତା କାରଣରୁ ୬ଚକିଆ ଟ୍ରକ୍‌ଗୁଡ଼ିକ ୯.୫ଟନ ପରିବର୍ତ୍ତେ ପ୍ରାୟ ୨୫ ଟନ ମାଲ ପରିବହନ କରୁଥିବାବେଳେ ୧୦ଚକିଆ ଟ୍ରକ୍‌ଗୁଡ଼ିକ ୧୬ଟନ ପରିବର୍ତ୍ତେ ପ୍ରାୟ ୫୦ ଟନ, ୧୨ଚକିଆ ଟ୍ରକଗୁଡ଼ିକ ୨୦ ଟନ ପରିବର୍ତ୍ତେ ପ୍ରାୟ ୬୦ ଟନ ମାଲ ପରିବହନ କରୁଥିବା ଦେଖିବାକୁ ମିଳୁଛି। ୪୦୭ ମିନିଟ୍ରକଗୁଡ଼ିକ ୩ ଟନର ମାଲ ପରିବହନର ନିୟମ ରହିଥିବାବେଳେ ଏମାନେ ୭ରୁ ୮ ଟନ ମାଲ ପରିବହନ କରୁଛନ୍ତି।



ଖଣି ଅଞ୍ଚଳରେ ଓଭରଲୋଡିଂ ଗାଡ଼ି ଯାତାୟାତ କରୁଛି।

### ଓସିଏ ଭିଜନ୍-୨୪ କ୍ରିକେଟ: ଏମ୍‌ସିସି ଯାଜପୁର ବିଜୟୀ

**ପାଣିକୋଇଲି,୧୯।୧୨(ଡି.ଏନ.ଏ.)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଜିଲା କ୍ରିକେଟ ଆସୋସିଏଶନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଣିକୋଇଲି କଲେଜ ପଡ଼ିଆରେ ଚାଲିଥିବା ୧୦ ଦିନିଆ ଇଣ୍ଟୋ କ୍ଲବ ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ୬ଷ୍ଠ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍ ଏମ୍‌ଏସି ଯାଜପୁର ବାରଗାଡ଼ିଆ ବନାମ ଏମ୍‌ଟିଏସ୍ ଗୁଲଜରପାଟଣା ମଧ୍ୟରେ ହୋଇଥିଲା। ଏଥିରେ ଏମ୍‌ସିସି ବିଜୟୀ ହୋଇଛି। ଏମ୍‌ଟିଏସ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୨୫.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଶିଷ ଚୌରାସିଆ ୫୮ ବଲରେ ୪୨ ରନ ଓ ସାୱାନ ପହରିଆ ୧୯ ବଲରେ ୩୬ ରନ ସଂଗ୍ରହ କରିଥିଲେ। ଏମ୍‌ସିସିର ସେକ୍ ଆଝାରୁଦ୍ଦିନ ୯.୪ ଓଭର ବୋଲିଂ କରି ୩୨ ରନ ଦେଇ ୪ ଉଇକେଟ ଓ ବିଭୂତି ଭୂଷଣ ଭୂୟାଁ ୬ ଓଭର ବୋଲିଂ କରି ୪୯ ରନ ଦେଇ ୨ ଉଇକେଟ ନେଇଥିଲେ। ଏମ୍‌ସିସି ଯାଜପୁର ବ୍ୟାଟିଂ କରି ୨୨ ଓଭରରେ ୩ ଉଇକେଟ ହରାଇ ୧୩୭ ରନ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ସୌମ୍ୟ ପରିଡ଼ା ୫୮ ବଲରେ ୩୮ ରନ ଓ ମୋଜାକିର ଖାଁ ୨୭ ବଲରେ ୩୬ ରନ ସଂଗ୍ରହ କରିଥିଲେ। ଏମଟିଏସର ଗୁଲଜାର ନାୟକ, ଶ୍ୟାମଳା ମୋହନ ରେଡ୍ଡି ୬ ଓଭର ବୋଲିଂ କରି ୪୧ ରନ ଦେବା ସହ ୨ ଉଇକେଟ ସଂଗ୍ରହ କରିଥିଲେ। ମ୍ୟାଚ୍‌କୁ ଶାରଦା ପ୍ରସନ୍ନ ମହାପାତ୍ର ଓ ସ୍ୱପ୍ରଶ୍ନଜିତ୍ କର ପରିଚାଳନା କରିଥିଲେ। ସ୍କୋରର ଭାବେ ଯଯାତୀ କେଶରୀ ସାମଲ ଓ ସୁମିତ୍ରା ସାହୁ ଯୋଗଦାନ କରିଥିଲେ।

# ଜାରକା ରୋଟାରୀ କ୍ଲବ୍ ବିଜୟୀ

**ଧର୍ମଶାଳା,୧୯।୧୨(ଡି.ଏନ.ଏ.)**

### ଶାନ୍ତି ଓ ମୈତ୍ରୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଶାନ୍ତି ଓ ମୈତ୍ରୀ କପ୍ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜାରକା ରୋଟାରୀ କ୍ଲବ ବିଜୟୀ ହୋଇଛି। ଜାରକା ରୋଟାରୀ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ ଓଭରରେ ୫ ଓଇକେଟ ହରାଇ ୧୨୦ରନ କରିଥିଲା। ଦଳ ପକ୍ଷରୁ ଦୀପକ ଜେନା ୩୩ ଓ ଉମେଶ ଜେନା ଅପରାଜିତ ୩୧ ରନ କରିଥିଲେ। କଟକ ଓ ଢେଙ୍କାନାଳ ମିଳିତ ରୋଟାରୀ କ୍ଲବ ପକ୍ଷରୁ ରାହୁଲ ସୋନୀ ୩ ଉଇକେଟ ନେଇଥିଲେ। ଜବାବରେ କଟକ ଓ ଢେଙ୍କାନାଳ ରୋଟାରୀ କ୍ଲବ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୮୩ ରନ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ନେତ୍ରାନନ୍ଦ ପରିଡ଼ା ୨୭ ଓ ବିଜୟା ସେନାପତି ୧୬ ରନ କରିଥିଲେ। ବିପକ୍ଷ ଦଳର ରଶ୍ମିରଞ୍ଜନ ରାୟ ୩ ଉଇକେଟ ନେଇଥିଲେ। ମ୍ୟାଚ୍‌କୁ ଅମିୟ କୁମାର ପରିଡ଼ା ଓ ସୁଶୀଲ ମହାନ୍ତି ପରିଚାଳନା କରିଥିଲେ। ସ୍କୋରର ଭାବେ ଚକ୍ରଧର ଲେଙ୍କା, ହରିହର ପଣ୍ଡା, ଜୟପ୍ରକାଶ ତ୍ରିପାଠୀ ସହାୟତା କରିଥିବା ବେଳେ କ୍ଲବର ସଭାପତି ନିରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ଜ୍ୟୋତି ଆଚାର୍ଯ୍ୟ, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ, ପ୍ରଦୀପ ବରାଳ, ଇନ୍ଦ୍ରମଣି ନାୟକ, ପ୍ରଶାନ୍ତ ପୃଷ୍ଟି, ବିନୋଦ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ଜିଲା ରୋଟାରୀ ଗଭର୍ଣ୍ଣର ଶିବବ୍ରତ ଦାସ, ସୌମ୍ୟରଞ୍ଜନ ମିଶ୍ର, ଡ. ବିଜୟ କୁମାର ଶତପଥୀ ଅତିଥିଭାବେ ଯୋଗଦେଇ ଜାରକାଠାରେ ଏକ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ରୋଟାରୀ କ୍ଲବ ପକ୍ଷରୁ ଅର୍ଥ ଯୋଗାଇ ଦିଆଯାଇଥିବା ସୂଚନା ଦେଇଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଇଲେଭେନ୍ ଷ୍ଟାର ଯାଜପୁର ବିଜୟୀ

**ଯାଜପୁର ଟାଉନ, ୧୯।୧୨ (ଡି.ଏନ.ଏ.)**

### ଯାଜପୁର ଜିଲା ଆନ୍ତଃ କ୍ଲବ୍ ସିନିୟର କ୍ରିକେଟ୍ ପ୍ରତିଯୋଗିତା

ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଯାଜପୁର ବାଳାଶ୍ରମ ପଡ଼ିଆରେ ଚାଲିଥିବା ଆନ୍ତଃ ଜିଲା ସିନିୟର୍ କ୍ରିକେଟ୍ ପ୍ରତିଯୋଗିତାର ରବିବାର ୫ମ ଦିବସ ମ୍ୟାଚ୍ ଇଲେଭେନ୍ ଷ୍ଟାର ଯାଜପୁର ଓ ଜେନିଥ୍ କ୍ରିକେଟ୍ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଲେଭେନ୍ ଷ୍ଟାର ଯାଜପୁର ବିଜୟୀ ହୋଇଛି। ଜେନିଥ୍ କ୍ରିକେଟ୍ ଏକାଡେମୀ ଟସ୍ ଜିତି ବ୍ୟାଟିଂ କରି ୪୩.୩ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୭୧ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଡାନିସ୍ ଖାନ୍ ୪୧ ରନ୍ ଓ ସଏଦ ଇଜାରୁଦ୍ଦିନ୍ ୩୦ରନ୍ ସଂଗ୍ରହ କରିଥିଲେ। ଇଲେଭେନ୍ ଷ୍ଟାର ଯାଜପୁରର ବୋଲର ଗୁଡ଼େ ସାଇ ସୂର୍ଯ୍ୟ ୯ ଓଭର ବୋଲିଂ କରି ୩୨ରନ୍ ଦେଇ ୩ ଉଇକେଟ୍ ଅକ୍ତିଆର୍ କରିଥିବା ବେଳେ ଅଭିଳାଷ ରାଉତରାୟ ୧୦ ଓଭର ବୋଲିଂ କରି ୨୭ରନ୍ ଦେଇ ୩ ଉଇକେଟ୍ ହାସଲ କରିଥିଲେ। ଜବାବରେ ଇଲେଭେନ୍ ଷ୍ଟାର ଯାଜପୁର ୪୪.୩ ଓଭର ଖେଳି ୮ ଉଇକେଟ୍ ହରାଇ ୧୭୨ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଆୟୁଷ୍ମାନ୍ ବୋଇତେଇ ୪୨ ଓ ଅଭିଳାଷ ରାଉତରାୟ ୩୯ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ଖଗେଶ୍ୱର ମଲ୍ଲିକ ଓ ସତ୍ୟବ୍ରତ ଯେନା ପରିଚାଳନା କରିଥିଲେ। ଏହି ମ୍ୟାଚ୍ କାର୍ଯ୍ୟକାରୀ ସମ୍ପାଦକ ଜ୍ଞାନ ଚାନ୍ଦ ଦାସ, ବରିଷ୍ଠ କ୍ରିକେଟିୟର ଶ୍ରୀଜୟ ମହାପାତ୍ର, ଅଭୟ ବଲ୍ଲଭ ପଣ୍ଡା ଓ ସୁଶାନ୍ତ ସିଂ ଓ ସ୍ୱସ୍ତିକ ପହିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

### ପ୍ରତିଭା ସମ୍ମାନ ସମାରୋହ: ୨୮ ଛାତ୍ରୀଛାତ୍ର ସମ୍ମାନିତ




**ଦଶରଥପୁର,୧୯।୧୨(ଡି.ଏନ.ଏ.)**

ଦଶରଥପୁର ବ୍ଲକର ଦଶରଥପୁରସ୍ଥିତ ଶିକ୍ଷାଭାରତୀ ବିଦ୍ୟାମନ୍ଦିରରେ ବ୍ଲକସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏନେଇ ପ୍ରଧାନଶିକ୍ଷକ ବିନୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିଭା ସମ୍ମାନ ସମାରୋହର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ କୁନା ବେହେରା, ମୁଖ୍ୟବକ୍ତା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ବାମନ ଚରଣ ସାହୁ, ଶିକ୍ଷାଭାରତୀ ବିଦ୍ୟାଳୟ ସମ୍ପାଦକ ଜଗବନ୍ଧୁ ଦାସ ପ୍ରମୁଖ ଯୋଗଦେଇ ବ୍ଲକ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରୁ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୨୮ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ସମାରୋହ ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ସୁଶାନ୍ତ କୁମାର ପଲେଇ, ଭକ୍ତବନ୍ଧୁ ପଣ୍ଡା ଓ ବର୍ଷା ପ୍ରିୟଦର୍ଶନୀ ପ୍ରମୁଖ ସହଯୋଗ କରିଥିଲେ।

# ବାଲିପଶି ଗାଁରେ ଗୋଷ୍ଠୀସଂଘର୍ଷ, ୫ ଗୁରୁତର

**କଳିଙ୍ଗନଗର,୧୯।୧୨(ଡି.ଏନ.ଏ.)**

- ଉଭୟ ପକ୍ଷରୁ ୬ ଗିରଫ
- ଗାଁରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି

ଯାଜପୁର ରୋଡ୍ ଥାନା ଦାନଗଦି ଫାଣ୍ଡି ଅଧୀନ ଖପୁରିଆପଦା ପଞ୍ଚାୟତର ବାଲିପଶି ଗାଁରେ ଶନିବାର ରାତିରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୫ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଖବରପାଇ ଦାନଗଦି ଫାଣ୍ଡି ଅଧିକାରୀ ଅଜୟ ସାହୁ ପହଞ୍ଚି ଉଭୟ ପକ୍ଷରୁ ୬ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋଟିଏ ଗୋଷ୍ଠୀର ବିଜୟ ମଲିକ ଓ ତାଙ୍କ ଦୁଇ ପୁଅ ସତ୍ୟରଞ୍ଜନ ଏବଂ ଚିନ୍ମୟ ପ୍ରସାଦ। ଅନ୍ୟଗୋଷ୍ଠୀର ଦାସରଥି ଖୁଣ୍ଟିଆଙ୍କ ଦୁଇ ପୁଅ ଚିତ୍ତରଞ୍ଜନ ଓ ବିଚିତ୍ରାନନ୍ଦ ଏବଂ ଚକ୍ରଧର ଖୁଣ୍ଟିଆଙ୍କ ପୁଅ ମଦନ। ଆହତମାନେ ହେଲେ ମାନସ କରଣ, ପ୍ରତାପ କରଣ, ମୁରଲିଧର ଧଳ, ଗଦାଧର ମଲିକ ଓ ଅମୂଲ୍ୟ ଧଳ। ପୋଲିସ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗାଁରେ ଉତ୍ତେଜନା ଆଶଙ୍କାରେ ପୋଲିସ ପାଟ୍ରୋଲିଂ ଜାରି ରଖିଛି। ତେବେ ଗିରଫଦାରୀ ଭୟରେ ଜଳକା ବ୍ରହ୍ମଣିଗାଁ ଓ ବାଲିପଶି ପୁରୁଷ ଶୂନ୍ୟ ହୋଇଛି। ସୂଚନା ମୁତବାକ, ବାଲିପଶି ଗାଁ ଛକରେ ଉଭୟ ଗୋଷ୍ଠୀର କେତେଜଣ ପିଲା ଠିଆ ହୋଇଥିବାବେଳେ ରାଜନୈତିକ ଆଲୋଚନାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଥିବା ବୋଲି ପୋଲିସ ସୂଚନା ଦେଇଛି।

### ଗଣ୍ଡଗୋଳ ମାମଲାରେ ୩ କୋର୍ଟଚାଲାଣ

**ପାଣିକୋଇଲି,୧୯।୧୨(ଡି.ଏନ.ଏ.)**

ଏକ ବିବାହ ଭୋଜିରେ ଜାତିକୁ ନେଇ ଆକ୍ଷେପ ଓ ଗଣ୍ଡଗୋଳ ମାମଲାରେ ପାଣିକୋଇଲି ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଧନତ୍ରୀ ଗ୍ରାମର ଧନେଶ୍ୱର ସାହୁ(୩୧), ମହେଶ୍ୱର ବେହେରା(୫୩) ଓ ଜୟୀରାମ ସାହୁ(୫୧)। ସୂଚନା ମୁତାବକ, ଧନତ୍ରୀ ଗ୍ରାମରେ ଏକ ବିବାହ ଭୋଜି ଆୟୋଜନ କରାଯାଇଥିଲା। ଗ୍ରାମର ନାରଣ ସାହୁଙ୍କ ପକ୍ଷରୁ ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମାତ୍ର ଦଳିତ ଲୋକମାନେ ଭୋଜି ଖାଇବାକୁ ଗଲାବେଳେ ସବର୍ଣ୍ଣ ଜାତିର ଲୋକେ ବିରୋଧ କରିଥିଲେ। ଏହାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଦଳିତ ବର୍ଗର ସୁରେନ୍ଦ୍ର ମଲିକ ଓ ଅନ୍ୟମାନେ ନାରଣଙ୍କୁ ନିମନ୍ତ୍ରଣ ଦେଇ ଡାକି ଗାଳି କରିବାର କାରଣ ପଚାରିଥିଲେ। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତଙ୍କ ସହ ଅନ୍ୟମାନେ ସେମାନଙ୍କୁ ଜାତିଗତ ଆକ୍ଷେପ କରିବା ସହ ମାଡ଼ ମଧ ମାରିଥିଲେ। ଏନେଇ ସୁରେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୩୨୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ



ବିଧାୟକ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

**ଧର୍ମଶାଳା,୧୯।୧୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଚୋରମୁହାଁ ଓ ବଡ଼କାଏମା ପଞ୍ଚାୟତରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦ୍ୱାରା ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁରଠାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ, ଚୋରାମୁହାଁ ଗ୍ରାମରେ ୭ ଲକ୍ଷ ଟଙ୍କା ବ୍ୟୟରେ ମିଶନଶକ୍ତି ଗୃହ, ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ହଳଦିଶୁଣୀଠାରେ ନିର୍ମିତ କୋଠଘରକୁ ବିଧାୟକ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ବଡ଼ମଙ୍ଗଳପୁର ଗ୍ରାମରେ ୧ କୋଟି ୨୫ଲକ୍ଷ ଟଙ୍କା ବ୍ୟୟରେ ପାନୀୟଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ବଡ଼ କାଏମା ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ୩୫ ଲକ୍ଷ ଟଙ୍କାରେ କଲ୍ୟାଣ ମଣ୍ଡପ ଓ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନ ଶକ୍ତିଗୃହକୁ ବିଧାୟକ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭ୍ୟା ସୁରେଖା ନାୟକ, ପ୍ରଣତୀ ଲେଙ୍କା, ନିରଞ୍ଜନ ରାଉତ, ସାଗର ନାୟକ ଏବଂ ମମତା ଦଣ୍ଡପାଟ ଯୋଗ ଦେଇଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ଦୁଃଶାସନ ସାହୁ, ସମିତିସଭ୍ୟ ଜଳଧର ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ଉତ୍କଳ ଦାସ, ବ୍ଲକ ଯୋଗାଣ ଅଧିକାରୀ ଜଗମୋହନ ଦାସ, ମଦନ ମୋହନ ନାୟକ, ନିର୍ମଳ ପ୍ରଧାନ, ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମାଙ୍କଡ଼ା ଖାଦାନରେ ଚଢ଼ାଉ, ୩ ଟ୍ରକ୍, ଜେସିବି ଜବତ

**ଚଣ୍ଡିଖୋଲ,୧୯।୧୨(ଡି.ଏନ.ଏ.)**



ଦର୍ପଣ ତହସିଲ ତଥା ବୈରୀ ଥାନା ପାରିଆ ପଞ୍ଚାୟତ ଅନ୍ତର୍ଗତ ବରଗଡ଼ାଠାରେ ବେଆଇନ ମାଙ୍କଡ଼ାପଥର ଖାଦାନ ଚାଲୁଥିବା ଖବର ପାଇ ତହସିଲଦାର ପ୍ରଦୀପ ସେଠୀଙ୍କ ନେତୃତ୍ୱରେ ଶନିବାର ଏକ ଟିମ୍ ଚଢ଼ାଉ କରିଛି। ଏହି ସମୟରେ ମାଙ୍କଡ଼ା ପଥର ବୋଝେଇ କରୁଥିବା ୩ ଟ୍ରକ୍ ଓ ଗୋଟିଏ ଜେସିବି ମେସିନ ଜବତ କରାଯାଇଛି। ଚଢ଼ାଉ ସମୟରେ ଖାଦାନରେ କାର୍ଯ୍ୟ କରୁଥିବା ଶ୍ରମିକ, ଗାଡ଼ି ଚାଳକମାନେ ଖସିଯିବାକୁ ସକ୍ଷମ ହୋଇଥିଲେ। ରବିବାର ତହସିଲ ପକ୍ଷରୁ ୨ ଟ୍ରକରୁ ୭୦ ହଜାର ଟଙ୍କା ଜରିମାନା ଆଦାୟ କରି ଛାଡ଼ି ଦିଆଯାଇଥିବା ବେଳେ ଗୋଟିଏ ଟ୍ରକ ଓ ଜେସିବିକୁ ବୈରୀ ପୋଲିସ ଜିମା ଦିଆଯାଇଛି। ଚଢ଼ାଉରେ ତହସିଲଦାର ସେଠୀ ଓ ୪ ରାଜସ୍ୱ ନୀରିକ୍ଷକଙ୍କ ସମେତ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ୍ ସାମିଲ ହୋଇଥିଲା। ସୂଚନାଯୋଗ୍ୟ, ଏହି ଅଞ୍ଚଳ ସମେତ ବଗୌ, ଝାଟିଆ ଅଞ୍ଚଳରୁ ଦୈନିକ ମାଙ୍କଡ଼ା ପଥର ଚୋରା ଚାଲାଣ କରାଯାଉଛି। ହେଲେ ସ୍ଥାନୀୟ ପୋଲିସ କିମ୍ବା ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ତେବେ ସମସ୍ତ ବେଆଇନ ଖାଦାନକୁ ବନ୍ଦ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

# ସତ୍ୟସାଇ କ୍ରିକେଟ: ସେମିରେ ସ୍କାନ ଭୁବନେଶ୍ୱର

**ରସୁଲପୁର,୧୯।୧୨(ଡି.ଏନ.ଏ.)**

ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ-ନୀଳକଣ୍ଠପୁର ସତ୍ୟସାଇ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ୩୯ତମ ରାଜ୍ୟସ୍ତରୀୟ ସତ୍ୟସାଇ ଟୁର୍ଣ୍ଣାମେଣ୍ଟରେ ରବିବାର ମ୍ୟାଚ୍ ସ୍କାନ ଭୁବନେଶ୍ୱର ଓ ବିଶ୍ୱଭାରତୀ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କାନ ଭୁବନେଶ୍ୱର ପ୍ରତିପକ୍ଷ ବିଶ୍ୱଭାରତୀ କଟକକୁ ପରାସ୍ତ କରି ସେମିରେ ପ୍ରବେଶ କରିଛି। ସ୍କାନ ଭୁବନେଶ୍ୱର ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୭୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ ବଳିଆର ସିଂହ ବ୍ୟକ୍ତିଗତ ୬୩ରନ୍ ଓ ବିକ୍ରମ ସ୍ୱାଇଁ ୩୫ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳ ୧୭୭ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା। ସ୍କାନ ଦଳର ବୋଲର ନୀଳକଣ୍ଠ ପାଣିଗ୍ରାହୀ, ସୁକାନ୍ତ ଦାସ, ଶୁଭମ ବଳିଆର ସିଂଙ୍କ ଶାଣିତ ବୋଲିଂକୁ ବିଶ୍ୱଭାତୀର ବ୍ୟାଟ୍ସ ମ୍ୟାନମାନେ ସମ୍ମୁଖୀନ ହେବାରେ ବିଫଳ ହୋଇଥିଲେ। ଦଳର ୩ ବୋଲର ୨ ଲେଖାଏ ଉଇକେଟ ନେଇ ପ୍ରତିପକ୍ଷର ବ୍ୟାଟିଂ ଧାରାକୁ ବିପର୍ଯ୍ୟୟ ପହଞ୍ଚାଇଥିଲା। ଫଳରେ ବିଶ୍ୱଭାରତୀ ଦଳଗତ ସ୍କୋର ମାତ୍ର ୭୨ ରନ୍‌ରେ ସୀମିତ ରହି ପରାଜୟ ବରଣ କରିଥିଲା। ଚଳତିଥର ସ୍କାନ ଦଳ ୧୦୪ ରନ ବଡ଼ ବ୍ୟବଧାନରେ ବିଜୟୀ ହୋଇଛି। ସ୍କାନ ଦଳର ଅଲରାଉଣ୍ଡର ଶୁଭମ ବିଳିଆର ସିଂକୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରାଯାଇଛି। ପୂର୍ବତନ ଖେଳ ଶିକ୍ଷକ ପତିତପାବନ ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ସମ୍ମାନିତ କରିଥିଲେ। ମ୍ୟାଚ୍‌କୁ ପ୍ରଭାତ କୁମାର ଜେନା ଓ ଉତ୍କଳ ଜେନା ପ୍ରମୁଖ ପରିଚାଳନା କରିଥିବା ବେଳେ ଅରୁଣ ପତି, ପ୍ରିୟନାଥ ରାଉତ, ସାଇପ୍ରବୀର ସାହୁ, ରବି ନାରାୟଣ ସେଠୀ, ସରୋଜ ଜେନା, ଦେବେନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ମଣ୍ଟୁ ଦାସ ପ୍ରମୁଖ ସ୍କୋରର ଓ ଭାଷ୍ୟକାର ଭାବେ ସହାୟତା କରିଥିଲେ। ସୋମବାର ମ୍ୟାଚ୍ ୟୁନିକ ଏକାଦଶ ଭଦ୍ରକ ଓ ଯାଜପୁର ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଆର.ଉଦୟଗିରି,୧୯।୧୨(ଡି.ଏନ.ଏ.):** ଗଜପତି ଜିଲା ସେରଙ୍ଗ ଥାନା ଆବାସିଙ୍ଗ ଛକ ନିକଟରେ ଅଜଣା ଗାଡ଼ିର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଶ୍ରୟଗଡ଼ ଗ୍ରାମର ସିପନ୍ୟ ସିଂ(୨୫)। ଶୁକ୍ରବାର ରାତିରେ ଏକ ଅଜଣା ଗାଡ଼ି ଗୁମ୍ମାଠାରୁ ପାରଳାଖେମୁଣ୍ଡି ଯାଉଥିବା ବେଳେ ସିପନ୍ୟଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଚାଳକଙ୍କୁ ଗୁରୁତର ଅବସ୍ଥାରେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନଂ ୭୮/୨୧ରେ ପୋଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

### ଚକ୍ଷୁ ଚିକିତ୍ସା ଶିବିର

**ଭଞ୍ଜନଗର,୧୯।୧୨(ଡି.ଏନ୍.ଏ.):** ଘୁମୁସର ଫଟୋଗ୍ରାଫର ଆସୋସିଏଶନ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ରବିବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୨୫ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମେଡ଼ିକାଲ ଅଧୀକ୍ଷକ ସିତାଂଶୁ ଶେଖର ଶତପଥୀ, ଶଙ୍କର ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ଚିତ୍ରସେନ ଗୌଡ଼ ଅତିଥି ଭାବେ ଯୋଗ ଦେଇଥିଲେ । ଘୁମୁସର ଫଟୋଗ୍ରାଫର ଆସୋସିଏଶନ ସଭାପତି ଜୟକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ମହିଳାଙ୍କୁ ଅସଦାଚରଣ ଘଟଣା, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୯।୧୨(ଡି.ଏନ.ଏ.):** ମହିଳାଙ୍କୁ ଅସଦାଚରଣ କରିବା ମାମଲାରେ ଦିଗପହଣ୍ଡି ପୋଲିସ ରବିବାର କୁଶପଡ଼ା ଗ୍ରାମର ଜି. ଶଙ୍କର ଦୋରାଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ. ୩୩୬/୨୧ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ପୋଲିସର ସୂଚନାନୁସାରେ ଶନିବାର ଅଭିଯୁକ୍ତ ତାଙ୍କ ପଡ଼ୋଶୀ ଘରର ମହିଳାଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଜି. ସୁଶୀଳା ଦୋରାଙ୍କ ଏତଲା କ୍ରମେ ଥାନା ମାମଲା ନଂ. ୩୩୭/୨୧ ଅନୁଯାୟୀ ପାଲଟା ମାମଲା ରୁଜୁ କରି ତଦନ୍ତ ଚାଲିଥିବା ପୋଲିସ କହିଛି।

### ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମୀକ୍ଷା ବୈଠକ

**କ.ନୂଆଗାଁ,୧୯।୧୨(ଡି.ଏନ୍.ଏ.):** କ.ନୂଆଗାଁ ବ୍ଲକର ହାଇସ୍କୁଲ ପଡ଼ିଆଠାରେ ଓଡ଼ିଶା ଜୀବିକା ମିଶନ ଶକ୍ତି କ.ନୂଆଗାଁ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶରତ ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଦ୍ରୌପଦୀ କହଁର, ଏମ୍‌ପି ପ୍ରତିନିଧି ବାସୁଦେବ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ଗାନ୍ଧିଗାଁ ପଞ୍ଚାୟତ ଗୃହ, କମାଙ୍ଗିର ଅଙ୍ଗନୱାଡି କେନ୍ଦ୍ର, ବାଲିଗାଡା ପଞ୍ଚାୟତର ମିଶନ ଶକ୍ତି ଗୃହକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ସମସ୍ତ ଏସ୍‌ଏଚ୍‌ଜି ଗ୍ରୁପ, ଆଶାକର୍ମୀ ପ୍ରମୁଖ ଯୋଗଦେଇଥିଲେ।

### କଂଗ୍ରେସ ନେତା ଭାଜରାମଙ୍କ ପରଲୋକ

**ଶେରଗଡ଼,୧୯।୧୨(ଡି.ଏନ୍.ଏ.):** ଶେରଗଡ଼ ବ୍ଲକର ବରିଷ୍ଠ କଂଗ୍ରେସ ନେତା ଭାଜରାମ ପୋଲାଇ(୯୭)ଙ୍କ ରବିବାର



ପୂର୍ବାହ୍ନରେ ନିଜ ପୈତୃକ ବାସଭବନରେ ପରଲୋକ ଘଟିଛି। ସେ ୧୯୬୩ରେ କଂଗ୍ରେସ ତରଫରୁ ପ୍ରଥମେ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇ ୪ ଥର ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସେ କଂଗ୍ରେସର ୫୮ ନଂ ଜୋନ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ ଶେରଗଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭଞ୍ଜ ରାଜବଂଶର ସ୍ମୃତି ଅବହେଳିତ

**ବାବୁଲା ପ୍ରଧାନ**
**ଭଞ୍ଜନଗର,୧୯।୧୨(ଡି.ଏନ.ଏ)**



କୁଲାଡ଼ ଜଗନ୍ନାଥ ମନ୍ଦିର।

ପୁରାତନ ସ୍ମୃତିକୁ ଉଜ୍ଜୀବିତ ରଖିବା ସହ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ସରକାର ରାଜ୍ୟର ପ୍ରମୁଖ ମନ୍ଦିରଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। କିନ୍ତୁ ଏବେ ବି ଅନେକ ମନ୍ଦିର ଅବହେଳିତ ଅବସ୍ଥାରେ ଅଛି । ସେଥିମଧ୍ୟରୁ ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ କୁଲାଡ଼ରେ ଥିବା ଜଗନ୍ନାଥ ମନ୍ଦିର ଅନ୍ୟତମ। ୧୭୫୪ରେ କୃଷ୍ଣ ଭଞ୍ଜ ଶାସନ କରୁଥିବା ସମୟରେ ଘୁମୁସରର ରାଜଧାନୀ କୁଲାଡ଼ରେ ରାଜବଂଶ ପକ୍ଷରୁ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିଲା। ଆଜି ଉକ୍ତ ମନ୍ଦିର ଅବହେଳିତ ଅବସ୍ଥାରେ। ଠାକୁରଙ୍କ ନାମରେ କୁଲାଡ଼, ବଳରାମପୁର, ନୀଳାଦ୍ରିପୁର, ଲଟାପଲ୍ଲୀ ସମେତ ପ୍ରମୁଖ ଗ୍ରାମରେ ପ୍ରାୟ ୨ ହଜାର ଭରଣ ଜମି ଅଛି । କିନ୍ତୁ ବର୍ତ୍ତମାନ କେବଳ କୁଲାଡ଼ ରାଜସ୍ୱ ନିରୀକ୍ଷକ ଅଧୀନରେ ଥିବା ଜମିଗୁଡ଼ିକରୁ ଖଜଣା ଆଦାୟ ହେଉଛି। କେତେକ ସ୍ଥାନରେ ଠାକୁରଙ୍କ ନାମରେ ଥିବା

■ କୁଲାଡ଼ ଜଗନ୍ନାଥ ମନ୍ଦିର ଜମି ଜବରଦଖଲକାରୀଙ୍କ କବଳରେ

■ ମନ୍ଦିର ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉ

ଜମିର ମାଲିକାନା ମଧ୍ୟ ସେଟେଲମେଣ୍ଟ ସମୟରେ ବଦଳି ଯାଇଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ ଯେତିକି ଖଜଣା ଆଦାୟ ହେଉଛି ସେଥିରେ ମନ୍ଦିର ପରିଚାଳନାରେ ଅସୁବିଧା ହେଉଛି। ରାଜସ୍ୱ ଏବଂ ଦେବୋତ୍ତର ବିଭାଗ ପକ୍ଷରୁ ଅଧିକ ରାଜସ୍ୱ କିଭଳି ଆଦାୟ ହେବ ଏବଂ ମନ୍ଦିରର ଉନ୍ନତି କିଭଳି ହେବ ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ; ଯାହାକୁ ନେଇ ଅଟଞ୍ଚବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ କୁଲାଡ଼ ରାଜସ୍ୱ ନିରୀକ୍ଷକ ମନ୍ଦିରର ଭଲ ମନ୍ଦ କଥା ବୁଝୁଛନ୍ତି । କିନ୍ତୁ ତାଙ୍କ ପାଖରେ ସମୟ ନ ଥିବା ଯୋଗୁ ସେ ମଧ୍ୟ ମନ୍ଦିରର ଉନ୍ନତି ପ୍ରତି ଅଧିକାଂଶ ସମୟ ଦେଇ ପାରୁନାହାନ୍ତି। ତେଣୁ ମନ୍ଦିର ପରିଚାଳନା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତି ଦିଆଯାଉ ନଚେତ ବିକଳ୍ପ ବ୍ୟବସ୍ଥା କରାଯାଉ। ଜଗନ୍ନାଥ ମନ୍ଦିରକୁ ଲାଗିଥିବା ନାରାୟଣ ସ୍ୱାମୀ, ରଘୁନାଥ ସ୍ୱାମୀ ମନ୍ଦିରର ଅନେକ ପାର୍ଶ୍ୱ ଦେବଦେବୀ ମନ୍ଦିରଗୁଡ଼ିକ ଭଗ୍ନ ଅବସ୍ଥାକୁ ଆସିଗଲାଣି । ଉକ୍ତ ୩ଟି ମନ୍ଦିରର ମାସିକ ୭୫୦୦ ଟଙ୍କା ଖର୍ଚ୍ଚ କରାଯାଉଛି। ଏତେ କମ୍ ଅର୍ଥ ଯୋଗୁ ମନ୍ଦିରର ଅନେକ ପୂଜା ବନ୍ଦ ହୋଇଗଲାଣି। ଅର୍ଥ ନ ଥିବାରୁ ପୂଜାରୀଙ୍କୁ କମ୍ ପାରିଶ୍ରମିକ ପ୍ରଦାନ କରାଯାଉଛି। କରୋନା ଯୋଗୁ ବିଗତ ୨ ବର୍ଷ ହେବ ରଥଯାତ୍ରା ହୋଇନାହିଁ । ରଥଯାତ୍ରା ହୋଇଥିଲେ ମନ୍ଦିରର ଆର୍ଥିକ ସ୍ଥିତି ଆହୁରି ଖରାପ ହୋଇପଡ଼ିଥାନ୍ତା। ଘୁମୁସରରେ ଭଞ୍ଜ ରାଜବଂଶ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ବର୍ଷ ଶାସନ କରିଛନ୍ତି।

**ସେମାନେ କୁହନ୍ତି...**

❝ ପରିଚାଳନାଗତ ତ୍ରୁଟି ଯୋଗୁ ମନ୍ଦିରଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଗଲାଣି। ସରକାରଙ୍କ ରାଜସ୍ୱ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ମନ୍ଦିର ସଂସ୍କୃତିରେ ପୁନରୁଦ୍ଧାର ହୋଇପାରିବ।

**- ଡ. ପ୍ରଦୀପ ପଟ୍ଟନାୟକ, ଭଞ୍ଜ ଗବେଷକ**

❝ ମନ୍ଦିର ପରିଚାଳନା ପାଇଁ ମାସିକ ଯାହା ଟଙ୍କା ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଉଛି ତାହା ବହୁତ କମ୍। ଦିନ ତମାମ ମନ୍ଦିରରେ କାମ କରୁଥିବା ବେଳେ ମାସିକ ମାତ୍ର ୩ଶହ ଟଙ୍କା ପାରିଶ୍ରମିକ ମିଳୁଛି। ସରକାରଙ୍କ ପକ୍ଷରୁ ଘର ଖଣ୍ଡେ ଯୋଗାଇ ଦିଆଯାଉନାହିଁ।

**- ସନ୍ତୋଷ ପଣ୍ଡା, ଜଗନ୍ନାଥ ମନ୍ଦିର ପୂଜାରୀ**

❝ ପ୍ରତିବର୍ଷ ଜମିଗୁଡ଼ିକର ନିଲାମ ହେଉଛି। ଯେତିକି ଟଙ୍କା ଆଦାୟ ହେଉଛି ତା'ଠାରୁ ଅଧିକ ଖର୍ଚ୍ଚ ହେଉଛି। ତେଣୁ ମନ୍ଦିର ଚଳାଇବା କଷ୍ଟ ହେଉଛି। ମନ୍ଦିରର ଉନ୍ନତି ପାଇଁ ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି।

**- ରଙ୍କନିଧି ଜେନା, ରାଜସ୍ୱ ନିରୀକ୍ଷକ**

## ବାଇକ୍ ଦୁର୍ଘଟଣାରେ ଚାଳକ ମୃତ

**ଟିକିଟି,୧୯।୧୨(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଟିକିଟି ଫାଣ୍ଡି ଅନ୍ତର୍ଗତ ବଗଡ଼ପଲ୍ଲୀ ଗ୍ରାମ ନିକଟରେ ଥିବା ଏକ କେନାଲ ନିକଟରେ ଶନିବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାତ୍ରପୁର ବ୍ଲକ ତିତିଗାଁ ଗ୍ରାମର ରଙ୍କନିଧି ସାହୁ (୫୧)। ରଙ୍କନିଧି ବାଇକ (ନଂ ଓଡ଼ି୩୩ଏଲ ୯୧୫୨) ଯୋଗେ ନିଜ ପୁତ୍ରକୁ ଜଏନ୍ କରିବା ପାଇଁ ବ୍ରହ୍ମପୁରସ୍ଥିତ ଏକ ଘରୋଇ ଶିଳ୍ପ ତାଲିମ କେନ୍ଦ୍ରକୁ ଯାଇଥିଲେ। ସେଠାରୁ କାମ ସାରି ନିଜ ଗ୍ରାମକୁ ଫେରୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ବଗଡ଼ପଲ୍ଲୀ ଗ୍ରାମ ନିକଟରେ ଥିବା କେନାଲ ଭିତରକୁ ପଶିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏନେଇ ନଂ. ୨୬୧/୨୧ରେ ମାମଲା ରୁଜୁ ହୋଇଛି।

## କାର୍, ପିକ୍‌ଅପ୍ ମୁହାଁମୁହିଁ ଧକ୍କା

**ଆର.ଉଦୟଗିରି,୧୯।୧୨(ଡି.ଏନ.ଏ.)**

ମୋହନା ବ୍ଲକ ଅଡ଼ବା ଥାନା ନଳାଘାଟ ଗ୍ରାମ ରାଜରାସ୍ତାରେ ଏକ କାର ଓ ପିକ୍‌ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁର୍ଘଟଣା ଘଟିଛି। ପୁରୀରୁ ରାୟଗଡା ଜିଲା ଅଭିମୁଖେ ଏକ କାର (ନଂ ଓଡି ୦୧ପି ୩୧୦୬) ଯାଉଥିବା ବେଳେ ଅପରପକ୍ଷରୁ ଗୋଟିଏ ପିକ୍‌ଅପ୍ ଗାଡି ବ୍ରହ୍ମପୁର ଅଭିମୁଖେ ଯାଉଥିଲା। କୌଣସି କାରଣରୁ ଦୁଇ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଥିଲା। ଖବର ପାଇ ନଳାଘାଟ ଫାଣ୍ଡି ପୋଲିସ ପହଞ୍ଚି କାର ଚାଳକ ପୀତବାସ ଦଳପତିଙ୍କ ସହ ଅନ୍ୟ ଯାତ୍ରୀଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଅଡବା ଥାନାରେ ନଂ.୧୪୧/୨୧ ମାମଲା ରୁଜୁ ହୋଇଛି।

# ଜୀବେ ନିଷ୍ଠୁରତା ନିରାକରଣ ସମିତିର ସଭା

**ଫୁଲବାଣୀ ଅଫିସ, ୧୯।୧୨**

କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜୀବେ ନିଷ୍ଠୁରତା ନିରାକରଣ ସମିତିର ସାଧାରଣ ପରିଷଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି. ଏଥିରେ ଅଧ୍ୟକ୍ଷତା କରିଥିଲେ। ବୁଲା ଗୋରୁ, ଅସୁସ୍ଥ ଓ ଜରାଜୀର୍ଣ୍ଣ ପ୍ରାଣୀଙ୍କ ନିମନ୍ତେ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ 'ଗୋ-ଶାଳା' ପ୍ରତିଷ୍ଠା ଲାଗି ତତ୍ପରତାକୁ ଜିଲାପାଳ ପ୍ରଶଂସା କରିଥିଲେ। ଏହା ଏକ ପବିତ୍ର ପ୍ରକଳ୍ପ, ସେବା ମନୋଭାବ ନେଇ ଏହା କରିବାର ଅଛି ବୋଲି କହିଥିଲେ। ଯଦି ଲାଭ ଉଦ୍ଦେଶ୍ୟରେ ସେବା ନ ଦେଇ ନିଷ୍ଠୁରତା ଦେଖାଯାଏ, ତାହାଲେ ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯିବ ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଯୋଗଦେଇ କହିଥିଲେ, ଲୋକେ ସେମାନଙ୍କ ଗୋରୁ ଘରେ ଯତ୍ନ ନ ନେଇ ବାହାରେ ଛାଡ଼ି ଦେଉଛନ୍ତି। ଏହାକୁ ନିଷ୍ଠୁରତା ବୋଲି କୁହାଯାଇପାରିବ। ସେହିପରି ଆବଶ୍ୟକଠାରୁ ଅଧିକ ଗାଇ ଟ୍ରକରେ ବୁହାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ଓ ଥଇଥାନ କରିବା ଦାୟିତ୍ୱ ସମସ୍ତଙ୍କର ହେବା ଉଚିତ୍। ଗୋଶାଳା ପ୍ରତିଷ୍ଠା ହେଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଜୀବନକୃଷ୍ଣ ସାହୁ ବୈଠକର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଭାରତ ସରକାରଏହି ଗୋଶାଳା ପାଇଁ ଗୋଟିଏ ଜିଲା ସ୍ତରୀୟ ଜୀବେ ନିଷ୍ଠୁରତା ନିରାକରଣ ସମିତି ଗଠନ କରିବାକୁ ସୂଚନା ଦେଇଛନ୍ତି ବୋଲି କହିଥିଲେ। ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ, ଜିଲା ପ୍ରାଣୀ ନୋଡାଲ ଅଧିକାରୀ ଡ. ଅଳକା ପଟ୍ଟନାୟକ ମଧ୍ୟ ଏହି ଉପଲକ୍ଷେ ଗଠିତ କମିଟି ଓ ଏହାର କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟ, ଫୁଲବାଣୀ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଲୋକ-କଳା ଟ୍ରଫି ୨୦୨୧ ପ୍ରତିଯୋଗିତା



ଜିଲାପାଳ କୃତୀପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରୁଛନ୍ତି।

**ପାରଳାଖେମୁଣ୍ଡି,୧୯।୧୨(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ଐତିହାସିକ ପର୍ଯ୍ୟଟନ କେନ୍ଦ୍ର ବୃନ୍ଦାବନ ପ୍ୟାଲେସ ପରିସରରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି-୨୦୨୧ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଲୋକକଳା ସଂଘ ଓ ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଏବଂ ଗଜପତି ଜିଲା ସଂସ୍କୃତି ବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସୁନାମଧନ୍ୟ ବିଶିଷ୍ଟ ସଙ୍ଗୀତ ଗୁରୁ ରଘୁନାଥ ପାତ୍ର, ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସ ଏବଂ ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ତପସ୍ୱିନୀ ହାଁସଦା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସେହିଭଳି ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ତପସ୍ୱିନୀ ହାଁସଦା ଉପସ୍ଥିତ କଳାକାର ପ୍ରତିଯୋଗୀମାନଙ୍କୁ ସେମାନଙ୍କ କଳା-ନୈପୁଣ୍ୟ ପରିବେଷଣ କରିବାର ନୀତି-ନିୟମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ବଣ୍ଟନ କରିଥିଲେ। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଗୋଷାଣୀ ବ୍ଲକ ଭିନଳା ଗ୍ରାମର ଗୌରଭକ୍ତ ନାଟ୍ୟକଳା ସଂସଦ, ଗୁମ୍ମା ବ୍ଲକ ରୁଙ୍ଗ ରୁଙ୍ଗତାଲ ଗ୍ରାମର ଲାଞ୍ଜିଆ ଶଉରା ନୃତ୍ୟଦଳ, କାଶୀନଗର ବ୍ଲକ ଖାରଡ଼ା ଗ୍ରାମର ଭୁତକେଳି ନୃତ୍ୟଦଳ, ନୂଆଗଡ ବ୍ଲକ ଡିଡିସିଂ ଗ୍ରାମ ଆଦିବାସୀ ନୃତ୍ୟଦଳ, ରାୟଗଡା ବ୍ଲକ ପେକଟ ଗ୍ରାମର ତୁମ୍ବେଶ୍ୱର ଆଦିବାସୀ ସାଂସ୍କୃତିକ କଳାକାର ଦଳ ଏବଂ ରା-ଉଦୟଗିରି ବ୍ଲକ ଲୁବୁରୀସିଂ ଗ୍ରାମର ନାରାୟଣୀ ନାଟ୍ୟ ସଂଘର ରାମଲୀଳା ପ୍ରମୁଖ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ବନ କର୍ମଚାରୀଙ୍କ ଆକ୍ରମଣରେ ଯୁବକ ଆହତ ଅଭିଯୋଗ

**ପୋଲସରା,୧୯।୧୨(ଡି.ଏନ.ଏ.)**

ପୋଲସରା ବାନଞ୍ଚଳ ଅନ୍ତର୍ଗତ ଯୋକବନ୍ଧ ବିଭାଗ ଜଙ୍ଗଲରେ ବାଉଁଶ କାଟିବାକୁ କେନ୍ଦ୍ର କରି ବନ କର୍ମଚାରୀଙ୍କ ଆକ୍ରମଣରେ ଯୁବକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଆହତ ଯୁବକ ଜଣକ ଗୋଛାବାଡି ଗ୍ରାମର ନଣ୍ଡା ନାହାକ। ଆହତ ଅବସ୍ଥାରେ ଗ୍ରାମବାସୀମାନେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗ୍ରାମବାସୀଙ୍କ କହିବାନୁସାରେ ସମ୍ପୃକ୍ତ ଯୁବକ ଜଙ୍ଗଲକୁ ବାଉଁଶ କାଟିବାକୁ ଯାଇଥିଲେ। ବନ କର୍ମଚାରୀ ଆକ୍ରମଣ କରିଥିବା ନେଇ କହିଥିଲେ। ଖବର ଲେଖାହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ ବୋଲି ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

# ଅସହ୍ୟ ଶୀତରେ ଜନଜୀବନ ପ୍ରଭାବିତ

**ଜି.ଉଦୟଗିରି,୧୯।୧୨(ଡି.ଏନ.ଏ.)**

ଜି.ଉଦୟଗିରି ସହରରେ ଶନିବାର ଓ ରବିବାର ଦୁଇ ଦିନ ଧରି ପାରଦ ୬.୮ ଡିଗ୍ରୀ ସେଲସିୟସ ରହୁଛି। ଏଥିପ୍ରତି ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦେଇଛି। ଜି.ଉଦୟଗିରି ସହର ସହିତ ଗ୍ରାମାଞ୍ଚଳରେ ଅସହ୍ୟ ଶୀତ ଅନୁଭୂତ ହୋଇଛି। ଶୀତ ପ୍ରଭାବରେ ଜନ ଜୀବନ ସହିତ ପଶୁ ପକ୍ଷୀ ପ୍ରଭାବିତ ହୋଇଛନ୍ତି। ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଗରିବ ଲୋକମାନେ ନିଆଁ ଜାଳି ରହୁଥିବା ଯୋଗୁ କେତେବେଳେ କ'ଣ ଅଘଟଣ ମଧ୍ୟ ଘଟିପାରେ। ବୟସ୍କ ଲୋକମାନେ ଶୀତ ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ଶୀତ ପ୍ରକୋପ ବଢ଼ିବାକୁ ଲକ୍ଷ୍ୟ କରି ଏନଏସି ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅସହାୟମାନଙ୍କ ପାଇଁ ରହିବା ସହିତ ଖାଇବା ବ୍ୟବସ୍ଥା କରାଯାଇଛି ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଏଣେ ପ୍ରବଳ କୁହୁଡି ଯୋଗୁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ଘନ କୁହୁଡି ଯୋଗୁ କଳିଙ୍ଗା ଘାଟିରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି।



ଶୀତରୁ ରକ୍ଷା ପାଇଁ ନିଆଁ ପୋଉଁଛନ୍ତି।

## ୩୫ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଦାରିଙ୍ଗବାଡ଼ି,୧୯।୧୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଅଞ୍ଚଳରେ ଗଞ୍ଜେଇ ଜୋରାଚାଲାଣ ବେଳେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଶ୍ରାନିକେତା ପଞ୍ଚାୟତ ଦଣ୍ଡିମା ଗ୍ରାମର ତନମୟ କୃଷ୍ଣ ଲାଲ୍ ନାୟକ ଏବଂ ସୁଜିତ ପ୍ରଧାନ। ତାଙ୍କ ନିକଟରୁ ଏକ କାର୍ ସମେତ ୩୫କେଜି ୭ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀ କହିଛନ୍ତି।

## ଗୀତା ଜ୍ଞାନପୀଠ ଆଲୋଚନାଚକ୍ର

**ରମ୍ଭା,୧୯।୧୨**

ସ୍ଥାନୀୟ ଲଣ୍ଡନ କିଡ଼ସ ପବ୍ଲିକ ସ୍କୁଲ ପରିସରରେ ରବିବାର ପତଞ୍ଜଳି ଯୋଗ ଶିବିର ଆନୁକୂଲ୍ୟରେ ସାମାଜିକ ଜୀବନରେ ଭଗବତ ଗୀତାର ମହାମ୍ମ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରବକ୍ତା ତମାଳ ମୁରାରୀ ଦାସ ଉପସ୍ଥିତିଥିଲେ। ଯୋଗଗୁରୁ ରବୀନ୍ଦ୍ର କୁମାର ବେହେରା, ମହେଶ୍ୱର ବେହେରା, ତ୍ରିନାଥ ବେହେରା, ଭୀମସେନ ବେହେରା, ଆନନ୍ଦ ସାହୁ, ଟି ଅକ୍ଷୟ ସୁବୁଦ୍ଧି, ରାମ ଚନ୍ଦ୍ର ବାଡ଼ତ୍ୟା, ରାଘବ ବେହେରା, ମହାଦେବ ମଲ୍ଲିକ, ଅନିଲ ସୁବୁଦ୍ଧି, ବାପୁଜୀ ସୁବୁଦ୍ଧି, ପଞ୍ଚାନନ ଖଟୁଆ, ଶେଷଦେବ ବେହେରା, ଈଶ୍ୱର ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ଦାସ, ସମୀର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# କଲ୍ୟାଣ ମଣ୍ଡପ ନିର୍ମାଣକୁ ବିରୋଧ

**ଗଞ୍ଜାମ,୧୯।୧୨(ଡି.ଏନ୍.ଏ.)**

ଦୀର୍ଘ ବର୍ଷ ହେବ ଗଞ୍ଜାମ ସହରରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଏନ୍‌ଏସି ପ୍ରଶାସନ ପକ୍ଷରୁ ୱାର୍ଡ ନଂ. ୬ ଓଡ଼ିଆ ଢାମଣା ସାହି ସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିର ପାର୍ଶ୍ୱରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା। ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସରେ ସେଠାରେ ଭିତ୍ତି ପ୍ରସ୍ତର ହୋଇଥିଲା ଏବଂ ଟେଣ୍ଡର କାର୍ଯ୍ୟ ମଧ୍ୟ ସରିଛି। ରବିବାର ଉକ୍ତ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜାଗା ମପାମପି କରାଯାଉଥିବା ବେଳେ ସାହିର କିଛି ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। ପୂର୍ବରୁ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଚୌଧୁରୀ ସାହିରେ ପୁନାଦି ପଡ଼ିଥିବା ବେଳେ ସେଠାରେ କାମ ବନ୍ଦ କରାଯାଇ କାହା ସ୍ୱାର୍ଥରେ ପୁଣି ଠାକୁରଙ୍କ ଜାଗାରେ ଏହା ନିର୍ମାଣ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଗଞ୍ଜାମ ଥାନା ମହିଳା ସବ୍‌ଇନ୍ସପେକ୍ଟର ସୁପ୍ରଭା ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଯୁବକମାନଙ୍କୁ ବୁଝାଶୁଝା କରିଥିଲେ। ସେଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ନ କରିବା ପାଇଁ କୋର୍ଟର ସ୍ଥଗିତାଦେଶ ଥିବା ସାହି ପିଲାମାନେ ପୋଲିସକୁ କହିବା ପରେ କୋର୍ଟର ଷ୍ଟେ ଅର୍ଡର ଆଣିବାକୁ ପୋଲିସ କହିଥିଲେ। ଯଦି ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ ତା'ହାଲେ ରାମଲିଙ୍ଗେଶ୍ୱର ମନ୍ଦିର ଉନ୍ନତି ପାଇଁ ସହଯୋଗ ନିମନ୍ତେ କିଛି ବ୍ୟକ୍ତି ଦାବି କରୁଥିଲେ। ଏ ନେଇ ଏନ୍‌ଏସି ଇଓ ରୋନିତ କୁମାର ଟ୍ରେନିଂ ପାଇଁ ଯାଇଥିବା ବେଳେ ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା କହିଛନ୍ତି, ଲେ-ଆଉଟ ବାହାର କରାଯାଇଛି ସେଠାରେ ହିଁ କଲ୍ୟାଣ ମଣ୍ଡପ ନିର୍ମାଣ ହେବ ବୋଲି ସେ କହିଛନ୍ତି।



ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

# ଭାଜପା ଛାଡ଼ି ବିଜେଡିରେ ରାମହରି

**ଭଞ୍ଜନଗର,୧୯।୧୨(ଡି.ଏନ.ଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭଞ୍ଜନଗର ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡ଼ି, କଂଗ୍ରେସ ଓ ଭାଜପା ଦଳକୁ ଅଧିକ ସୁଦୃଢ଼ କରିବା ପାଇଁ

**ରାଜ୍ୟ ସଭାପତିଙ୍କ ଗସ୍ତ ପୂର୍ବରୁ ଦଳବଦଳ**

ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଏପରିକି ନେତାମାନେ ଦଳବଦଳ ଆରମ୍ଭ କରିଦେଇଛନ୍ତି । ଆସନ୍ତା ମଙ୍ଗଳବାର ଭଞ୍ଜନଗର ଜେଲ୍ ପଡ଼ିଆରେ ଭାଜପାର ମିଶ୍ରଣପର୍ବ ଆୟୋଜନ ହେବ। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଭଞ୍ଜନଗର ବ୍ଲକ କଂଗ୍ରେସର ଜଣେ ପୂର୍ବତନ ସଭାପତି ଭାଜପାରେ ମିଶିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତା ରାମହରି ପାତ୍ର ରବିବାର ଦଳ ଛାଡ଼ି ବିଜେଡ଼ିରେ ମିଶିଛନ୍ତି । ଏଥିରେ ଭାଜପାକୁ ଶକ୍ତ ଧକ୍କା ଲାଗିଛି । ରାମହରି ଭଞ୍ଜନଗର ବ୍ଲକ କୁଲାଡ଼ ପଞ୍ଚାୟତରୁ ଏକାଧିକ ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ସେ ଜଣେ ସୁସଙ୍ଗଠକ ମଧ୍ୟ ଥିଲେ। ରାମହରିଙ୍କ ସମେତ କୁଲାଡ଼ର ଅନ୍ୟତମ ଟାଣୁଆ ଭାଜପା ନେତା ଦେବୀ ପ୍ରସାଦ ସାହୁ ଓ ରାମଚନ୍ଦ୍ର ପାଢ଼ୀ ମଧ୍ୟ ବିଜେଡ଼ିରେ ମିଶିଛନ୍ତି । ସ୍ଥାନୀୟ ବନ ବିଭାଗ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସେମାନଙ୍କୁ ସ୍ୱାଗତ କରିଥିଲେ । ଆଗାମୀ ଦିନରେ ପୁରୁଣା, ନୂଆ ନେତା ଏବଂ କର୍ମୀଙ୍କୁ ନେଇ ଦଳକୁ ଆଗକୁ ନେବା ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ଅନ୍ୟପକ୍ଷରେ ଭାଜପା ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ସନ୍ତୋଷ ତିଆଡ଼ି କହିଛନ୍ତି, ରାମହରି ତାଙ୍କ ବ୍ୟକ୍ତିଗତ କାରଣ ଯୋଗୁ ଦଳ ଛାଡ଼ିଛନ୍ତି। ବିଜେଡ଼ିର ମିଶ୍ରଣ ପର୍ବ ସରିବା ପରେ ମନ୍ତ୍ରୀ ଆରୁଖ ଭଞ୍ଜନଗର ଏନଏସି, ବ୍ରାହ୍ମଣପଦର, ଗାଲେରି, ହରିଗଡ଼, ଦୋମୁହାଣି, ଲେମ୍ବେଇ, ତିଳିସିଙ୍ଗି ଓ ବାରୁଡ଼ା ପଞ୍ଚାୟତକୁ ଯାଇ ଲୋକଙ୍କ ସହ ମିଶିବା ସହ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ଼ ବାଣ୍ଟିଥିଲେ। କାର୍ଡ଼ ବଣ୍ଟନ ସମୟରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡ଼ିଓ ଅନିଲ କୁମାର ସେଠୀ, ବ୍ଲକ ଅଧକ୍ଷା ହିନ ଦଳବେହେରା, ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ, ବିଜେଡ଼ି ଜିଲା ଉପ ସଭାପତି ରାଜା ସାହୁ, ପୂର୍ବତନ ଏନଏସି ଅଧକ୍ଷ ସୁଧୀର ବେହେରା, ପୂର୍ବତନ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଗୁଡ଼ିକୁ ଶୁଳପାଣି ଶତପଥୀ ସଂଯୋଜନା କରିଥିଲେ।



ନୂତନ ନେତାଙ୍କୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସ୍ୱାଗତ କରୁଛନ୍ତି।

## ବ୍ଲକସ୍ତରୀୟ ବାର୍ଷିକ ଆଲୋଚନା ଚକ୍ର

**ବାଲିଗୁଡ଼ା,୧୯।୧୨(ଡି.ଏନ.ଏ.)**

ବାଲିଗୁଡ଼ା ଉପଖଣ୍ଡ ଟିକାବାଲି ଉଚ୍ଚ ବିଦ୍ୟାଳୟର ସଭାଗୃହଠାରେ ଟିକାବାଲି ବ୍ଲକ ମିଳିତ ଶିକ୍ଷକ ସଂଘର ବ୍ଲକ ସ୍ତରୀୟ ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଶିକ୍ଷକ ସଂଘର ଏକତା ବଜାୟ ସ୍ୱରୂପ ମିଳିତ ଶିକ୍ଷକ ସଂଘ ବରିଷ୍ଠ ଶିକ୍ଷକ ପ୍ରଦୀପ ମହାପାତ୍ରଙ୍କ ନିବେଦନ କ୍ରମେ ସଂଘ ସଭାପତି ମଧୁସୂଦନ ବେହେରାଙ୍କ ଦ୍ୱାରା ସଂଘ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ସଂଘ ସମ୍ପାଦିକା ଲତାଞ୍ଜଳି ମହାନ୍ତିଙ୍କ ଅନୁରୋଧ କ୍ରମେ ସଂଘ ସଭାପତି ମଧୁସୂଦନ ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଂଘ ଉପସଭାପତି ମନୋଜ ଦିଗାଲ, ପବିତ୍ର ସାହୁ, ସହ ସମ୍ପାଦକ ଅରବିନ୍ଦ ମହାପାତ୍ର, କୋଷାଧକ୍ଷ ରଞ୍ଜିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ମହାନଦୀରେ କୁମ୍ଭୀର ଆତଙ୍କ

**ଖଣ୍ଡପଡ଼ା,୧୯।୧୨(ସ୍ୱ.ପ୍ର.):** ନୟାଗଡ଼ ଓ କଟକ ଜିଲା ସୀମାନ୍ତବର୍ତ୍ତୀ ସିଧାମୂଳା ପାର୍ଶ୍ୱ ମହାନଦୀରେ ଗତ ୨ଦିନ ହେଲା ଏକ ଥଣ୍ଟିଆ କୁମ୍ଭୀର ଚଳପ୍ରଚଳ କରୁଛି । ସେହି କୁମ୍ଭୀରକୁ ଦେଖିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି। ପ୍ରାୟ ୫ରୁ ୭ ଫୁଟ ଲମ୍ବର ଏହି କୁମ୍ଭୀରଟି ଶନିବାର ସ୍ଥାନୀୟ ଲୋକମାନଙ୍କ ନଜରକୁ ଆସିଥିଲା । ପରେ ନଦୀକୂଳବର୍ତ୍ତୀ ଲୋକେ ନଦୀକୁ ସ୍ନାନଶୌଚାଦି ପାଇଁ ଯିବାକୁ ଭୟ କରୁଛନ୍ତି । ରବିବାର ମହାନଦୀକୁ ଗାଧୋଇ ଯାଇଥିବା କେତେଜଣ ବ୍ୟକ୍ତି କୁମ୍ଭୀର ଦେଖିଥିବା କହିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି ।

### ୨୪ରୁ ପଲ୍ଲୀଶ୍ରୀ ମେଳା

**ନୟାଗଡ଼ ଅଫିସ,୧୯।୧୨:** ନୟାଗଡ଼ ଟାଉନ ଥାନା ନିକଟସ୍ଥ ମହୋତ୍ସବ ପଡ଼ିଆରେ ଜିଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଡିସେମ୍ବର ୨୪ରୁ ଆରମ୍ଭ ହେବ । ଏହା ୫ ଦିନ ଧରି ଚାଲିବ । ଏଥିରେ ୧୦୦ଟି ଷ୍ଟଲ୍ ଖୋଲିବ। ବେସରକାରୀ ଭାବେ ଷ୍ଟଲ୍ ଖୋଲିଲେ ୧୦ ହଜାର ଟଙ୍କା ଦେବାକୁ ପଡ଼ିବ । ଓର୍‌ମାସ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଉଛି । ଏ ସଂକ୍ରାନ୍ତରେ ଆବଶ୍ୟକ ପ୍ରଚାର କରାଯାଉ ନ ଥିବାରୁ ସାଧାରଣ ଲୋକଙ୍କ ସହିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ନେଇ କୌଣସି ସୂଚନା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି ।

### କାଠ ଚୋର ଜେଲ ଗଲେ

**ନୟାଗଡ଼ ଅଫିସ,୧୯।୧୨:** ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜର ହାତୀମୁଣ୍ଡା କମ୍ପାର୍ଟମେଣ୍ଟ ୯ରୁ ବେଆଇନ ଭାବେ ଗଛ କାଟିବା ଅଭିଯୋଗରେ ଜଣେ ଗିରଫ ହୋଇଛନ୍ତି । ବନବିଭାଗ ପକ୍ଷରୁ ଗିରଫ କରାଯାଇଥିବା ଭାଡିକିଳା ଗାଁର ବିଜୟ ସାହୁ (୫୦)ଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ସମ୍ପ୍ରତି ନିକଟସ୍ଥ ହାତୀମୁଣ୍ଡା କମ୍ପାର୍ଟମେଣ୍ଟ ୯ରେ ପାଣିପୋଇଲାର ଅଭି ଭୋଳ(୪୦) ଓ ଭାଡିକିଳାର ବିଜୟ ସାହୁ କରତ ଯୋଗେ ଶାଳ ଗଛ କାଟୁ ଥିଲେ । ଜଙ୍ଗଲରୁ ଅଢ଼େଇ ଫୁଟର ୩୬ଟି ଶାଳ କାଠ କାଟି ଦେଇଥିଲେ। ଖବର ପାଇ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଅଭି ଖସି ଯାଇଥିଲେ । ବନବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୪୧/୨୧)ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

### ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

**ନୟାଗଡ଼ ଅଫିସ,୧୯।୧୨:** ନୟାଗଡ଼ ସହରର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଓ ମା ଦକ୍ଷିଣ କାଳୀ ପଡ଼ିଆରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ଅଧୀନ ସ୍ମାର୍ଟ ହେଲ୍‌ଥ କାର୍ଡ ରବିବାର ବଣ୍ଟନ ହୋଇଛି । ଉଭୟ ସ୍ଥାନରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇ ୧୯୭୬ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ । ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ସାହୁ କହିଛନ୍ତି, ନୟାଗଡ଼ ସହରର ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ୫୨ କୋଟି ଟଙ୍କା ମଞ୍ଜୁର ହୋଇଛି। ସହରର ୨୩ କିମି ରାସ୍ତାରେ ପୁଣି ଏଲଇଡି ବଲ୍‌ବ ଲଗାଯିବ ।

# ଗୋଆରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ପୁଅ

## ଗାଁରେ ଜିଭ କାଟି ଗୁହାରିଆ ପଡ଼ିଛନ୍ତି ମା'ବାପା

**ନୂଆଗାଁ,୧୯।୧୨(ଡି.ଏନ.ଏ.)**

ପରିବାର ପ୍ରତିପୋଷଣ ଆଶାରେ ଦାଦନ ଖଟି ଯାଇଥିବା ପୁଅ ଗୋଆରେ ଦୁର୍ଘଟଣାଗ୍ରସ୍ତ ହୋଇ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ପୁଅର ଆଶୁ ଆରୋଗ୍ୟ କାମନା କରି ମା'ଗାଁ ଠାକୁରଙ୍କ ନିକଟରେ ଓ ବାପା ଠାକୁରାଣୀଙ୍କ ନିକଟରେ ଜିଭ କାଟି ଗୁହାରିଆ ପଡିଛନ୍ତି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଡିପି ଗ୍ରାମର ରାଜ କିଶୋର ନାୟକଙ୍କ ୨ପୁଅ ଓ ୩ ଝିଅ । ଚାଷ କରି ରାଜକିଶୋର ପରିବାର ଚଳାନ୍ତି। ବାପାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ବଡ଼ ପୁଅ ଆଲୋକ ନାୟକ ଦାଦନ ଖଟିବାକୁ ଗୋଆ ଯାଇଥିଲେ। ସେଠାରେ କାମ କରି ଦୈନିକ ୫୦୦ ଟଙ୍କା ରୋଜଗାର କରୁଥିଲେ । ଗତ ରବିବାର ସେ କାମ ସାରିବା ପରେ ନିଜ ରହଣିସ୍ଥଳକୁ ବାଇକ୍‌ରେ ଜଣେ ସାଙ୍ଗଙ୍କ ସହ ଫେରୁଥିଲେ । ଏହି ସମୟରେ ତାଙ୍କ ବାଇକ୍‌କୁ ଏକ କାର୍ ଧକ୍କା ଦେଇଥିଲା । ସେଠାରେ ସେ ଗୁରୁତର ହୋଇପଡିଥିଲେ । ଆଲୋକଙ୍କ ଏପରି ଅବସ୍ଥା ଦେଖି ଭୟରେ ତାଙ୍କ ସାଙ୍ଗ ସେଠାରୁ ପଳାଇ ଯାଇଥିଲା । ରାସ୍ତାରେ ଯାଉଥିବା ପିସିଆର କର୍ମଚାରୀମାନେ ଆଲୋକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରୁ ବାମ୍ବୋଲିନ ନାମକ ଏକ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ପରିବାର ଲୋକମାନେ କହିଛନ୍ତି, ଆଲୋକଙ୍କୁ ବାରମ୍ବାର ଗୋଟିଏ ଡାକ୍ତରଖାନାରୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି । ଠିକ୍ ଭାବେ ଚିକିତ୍ସା କରାଯାଉନାହିଁ । ଆଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଓଡ଼ିଶା ସରକାର ସହଯୋଗ କଲେ ଆମ ପୁଅ ସୁସ୍ଥ ହୋଇ ଘରକୁ ଫେରି ଆସିବ । ଅନ୍ୟପକ୍ଷେ ପୁଅର ଆରୋଗ୍ୟ କାମନା କରି ମା'ମହିପୁର ନୀଳକଣ୍ଠେଶ୍ୱର ମନ୍ଦିରରେ ୨ଦିନ ହେଲା ଗୁହାରିଆ ପଡିଥିବା ବେଳେ ବାପା ରାଜ କିଶୋର ରବିବାର ଶୁଳିଆବୁଢୀ ଠାକୁରାଣୀଙ୍କ ମନ୍ଦିରରେ ଜିଭ କାଟି ଗୁହାରିଆ ପଡିଥିବା ଦେଖିବାକୁ ମିଳିଛି । ଆଲୋକଙ୍କ ଚିକିତ୍ସା ବାବଦରେ ନୟାଗଡ଼ ଉପ-ଜିଲାପାଳ ଲଗ୍ନଜିତ ରାଉତ କହିଛନ୍ତି, ସୋମବାର ଏ ସଂକ୍ରାନ୍ତରେ ମୁଁ ସିଡିଏମ୍‌ଓଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ଚେଷ୍ଟା କରିବି ।




ଗୋଆ ଡାକ୍ତରଖାନାରେ ଆଲୋକ । ପୁଅର ଆରୋଗ୍ୟ କାମନା କରି ଠାକୁରାଣୀଙ୍କ ନିକଟରେ ଗୁହାରିଆ ପଡ଼ିଛନ୍ତି ବାପା ।

### ଏବିଡିଓ ସମେତ ବହୁ ପଦବୀ ଖାଲି

**ଖଣ୍ଡପଡ଼ା,୧୯।୧୨(ସ୍ୱ.ପ୍ର)**

ଖଣ୍ଡପଡ଼ା ବ୍ଲକର ବିଭିନ୍ନ ବିଭାଗରେ ପ୍ରଶାସନିକ ଅଧିକାରୀ ନ ଥିବା ବେଳେ ଗତ ୧ବର୍ଷ ଧରି ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ(ଏବିଡିଓ) ପଦବୀ ଖାଲି ପଡିଛି । ଫଳରେ ବ୍ଲକ କାର୍ଯ୍ୟାଳୟ ସୁପରିଚାଳନାରେ ସମସ୍ୟା ପରିଲକ୍ଷିତ ହେଉଛି । ବ୍ଲକରେ କାର୍ଯ୍ୟରତ ଏବିଡିଓ ଦୁର୍ଗାମାଧବ ରଥ ଅବସର ଗ୍ରହଣ କରିବା ପରେ ପଦବୀଟି ପୂରଣ ହୋଇନାହିଁ । ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ଏବିଡିଓ ଭାବେ ଅବସ୍ଥାପିତ କରିବାକୁ ସାଧାରଣରେ ଦାବି ହେଉଛି । ସେହିପରି ବ୍ଲକରେ କନିଷ୍ଠଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦବୀ ଖାଲି ପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବ୍ଲକର ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ ଦିଗରେ ଜିଲା ପ୍ରଶାସନ ଓ ଉଚ୍ଚ ପଦସ୍ଥ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଡ୍ରେନ୍ ନିର୍ମାଣ ଦାବି ଜୋର ଧରିଲା

**ଖଣ୍ଡପଡ଼ା,୧୯।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ାରୁ ଖଳିସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ସୁନାମୁହିଁ ପୋଲଠାରୁ ବାଇପାସ୍ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହୋଇ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି । ସଂପୃକ୍ତ ଅଞ୍ଚଳର କେତେଜଣ ବ୍ୟକ୍ତି ସ୍ଥାୟୀ ଭାବେ ବାସଗୃହ ନିର୍ମାଣ କରି ରହୁଛନ୍ତି । ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷା ପାଣିଠାରୁ ଆରମ୍ଭ କରି ଆବର୍ଜନା ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବର୍ଷା ସମୟରେ ରାସ୍ତା ଉପରେ ପାଣି ଜମା ହୋଇ ରହୁଛି । ଏହି ରାସ୍ତା ଦେଇ ଯାନବାହାନ ଯାତାୟତ କଲାବେଳେ ଜମା ହୋଇ ରହିଥିବା ଆବର୍ଜନା ପାଣି ସ୍ଥାନୀୟ ବାସିନ୍ଦାଙ୍କ ଘର ଭିତରକୁ ଛିଟିକି ପଡୁଛି । ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ୧ନଂ. ୱାର୍ଡ ଅଧୀନରେ ଥିବା ଏହି ରାସ୍ତାର ଉଭୟ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ ଡ୍ରେନ ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଏ ନେଇ ଏକ ଦାବିପତ୍ର ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଓ ନୟାଗଡ଼ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

## ଅନ୍‌ଲାଇନ୍‌ରେ ଅନୁଦିତ କବିତା ପାଠ

**ନୟାଗଡ଼ ଅଫିସ,୧୯।୧୨**

ଅନୁବାଦ ସାହିତ୍ୟକୁ ଅଧିକ ସମୃଦ୍ଧ କରିବା ତଥା ବିଭିନ୍ନ ଭାଷାର ଅନୁବାଦକମାନଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ନିମନ୍ତେ ଗଠିତ ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଅନ୍‌ଲାଇନ୍‌ରେ ଅନୂଦିତ କବିତା ପାଠ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁବାଦକ ତଥା ସ୍ତମ୍ଭକାର ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ ଜାତୀୟସ୍ତରର ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଖ୍ୟାତନାମା ଅନୁବାଦକ ତଥା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ମୁଖ୍ୟ ଡ.ସଞ୍ଜୟ କୁମାର ସିଂ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ହରେକୃଷ୍ଣ ମେହେର ମୁଖ୍ୟବକ୍ତା ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ଉଭୟ କହିଛନ୍ତି, ଅନୁବାଦ ସାହିତ୍ୟ ହିଁ ସମଗ୍ର ବିଶ୍ୱର ସାହିତ୍ୟିକ, ପାଠକମାନଙ୍କୁ ଯୋଡିବାର ଏକ ସଶକ୍ତ ମାଧ୍ୟମ । ଅନୁବାଦ ଦ୍ୱାରା ବିଭିନ୍ନ ଦେଶ ବା ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ସର୍ବୋପରି ବିଭିନ୍ନ କୃତି ଓ କୀର୍ତ୍ତି ବିଷୟରେ ଜଣାପଡିଥାଏ । ଏଣୁ ଅନୁବାଦକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷେ ଓଡ଼ିଶା ଏବଂ ବନାରସର ଯୁବ ଅନୁବାଦିକା ଜୟଶ୍ରୀ ଦୋରା ତଥା ତୁଳିକା ବିବିଧ ରଙ୍ଗଙ୍କ ସଂଯୋଜନାରେ ଭାରତର ବିଭିନ୍ନ ରାଜ୍ୟରୁ ପ୍ରାୟ ୨୫ ଜଣ ଅନୁବାଦକ ଏବଂ ଅନୁବାଦିକା ଅନୂଦିତ କବିତା ପାଠ କରିଥିଲେ । ବିଶେଷ ଭାବେ ଜାତୀୟସ୍ତରରେ ପରିଚିତ ପ୍ରଭାସିନୀ ମହାକୁଡ଼, ରାଧୁ ମିଶ୍ର,ମଞ୍ଜୁଳା ଆସ୍ଥାନା ମହାନ୍ତି, ଡ.ଭାରତ ଭୂଷଣ ରଥ, ଇପ୍ସିତା ଷଡ଼ଙ୍ଗୀ, ସଙ୍ଗୀତା ରଥ, ଶ୍ୟାମଳୀ ସେନଗୁପ୍ତ, ଡ଼.ଭଗବାନ ତ୍ରିପାଠୀଙ୍କ ସହ ହରେକୃଷ୍ଣ ଦାଶ,ବସିରନ୍ ବିବି, ହାଡିବନ୍ଧୁ ମହାକୁଡ଼, ଆଶୁତୋଷ ପାତ୍ର ପ୍ରମୁଖ ଓଡ଼ିଆ, ହିନ୍ଦୀ, ସଂସ୍କୃତ, ବଙ୍ଗଳା, ତେଲୁଗୁ,ପଞ୍ଜାବୀ ଆଦି ଭାଷାରେ ଅନୁଦିତ କବିତା ପାଠ କରିଥିଲେ।




## ରାଜ୍ୟସ୍ତରୀୟ ଫତେଗଡ଼ କ୍ରିକେଟ : ସୁର ପ୍ରତାପ ଟିମ୍ ଚାମ୍ପିୟନ

**ନୟାଗଡ଼ ଅଫିସ,୧୯।୧୨**

ନୟାଗଡ଼ ଜିଲା ଭାପୁର ବ୍ଲକର ଫତେଗଡ଼ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଫତେଗଡ଼ ନାଳିସାଗର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ୧୨ତମ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସୁର ପ୍ରତାପ ଟିମ୍ ଢେଙ୍କାନାଳ ୮୧ ରନରେ ମଞ୍ଜେଶ୍ୱର କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି । ଟସ୍ ଜିତ ଢେଙ୍କାନାଳ ଦଳ ନିର୍ଦ୍ଧାରିତ ୨୫ଓଭରରେ ୬ ଉଇକେଟ ହରାଇ ୨୫୩ ରନ କରିଥିଲେ। ଦଳ ପକ୍ଷରୁ ମହମ୍ମଦ ସୁଲତାନ ୫୦ ବଲରେ ୧୧ଟି ଛକା ଓ ୯ଟି ଚୌକା ମାରି ୧୦୩ ରନ କରିଥିଲେ। ମଞ୍ଜେଶ୍ୱର ଦଳ ବିଜୟୀ ହେବା ପାଇଁ ୨୫୪ ରନକୁ ଆଖି ଆଗରେ ରଖି ଉଦ୍ୟମ ଜାରି ରଖିଥିଲା। ହେଲେ ସମସ୍ତ ଉଇକେଟ ହରାଇ ୨୪.୫ ଓଭରରେ ୧୭୨ ରନ କରିଥିଲା। ଢେଙ୍କାନାଳର ମହମ୍ମଦ ସୁଲତାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ତନ୍ମୟ ମହାନ୍ତି ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା ଦ୍ୱିଜେନ୍ଦ୍ର ଘୋଷ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ କରିଥିଲେ। ସରୋଜ ମହାପାତ୍ର, ବୁବୁ ସିହ୍ନା ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ପବିତ୍ର ସାହୁ ଓ ବିଭୂତି ସାହୁ ନିୟୋଜିତ ଥିଲେ । ମୁଖ୍ୟଅତିଥି ରୂପେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଚାମ୍ପିୟନ ଦଳକୁ ନଗଦ ୭୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିତେନ୍ଦ୍ର ରଣସିଂହ, ବେଣୁଧର ପ୍ରଧାନ, ମନୋଜ ପ୍ରଧାନ, ଯୁଧିଷ୍ଠିର ଖୁଣ୍ଟିଆ, ସୁଧି ରଞ୍ଜନ ପଣ୍ଡା, ଓଡିଉଡ ଅଭିନେତା ବାବୁ ସାନ, ଅଭିନେତ୍ରୀ ଶୀତଲ ପ୍ରମୁଖ ଯୋଗ ଦେଇଥିଲେ ।




ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ।

## କଲରବେଲ୍ଟ ପ୍ରମୋଶନ ଟେଷ୍ଟ

**ନୟାଗଡ଼ ଅଫିସ,୧୯।୧୨**

ନୟାଗଡ ଟାଇକୋଣ୍ଡ ସ୍ପୋର୍ଟସ ଆସୋସିଏଶନ ଓ ନୟାଗଡ଼ ମାର୍ଶାଲ ଆର୍ଟ ଆକାଡେମୀ ତରଫରୁ ୧୫ ତମ ଟାଇକୋଣ୍ଡ କଲରବେଲ୍ଟ ପ୍ରମୋଶନ ଟେଷ୍ଟ ନିଉ ରାଜବାଟି କଲ୍ୟାଣୀମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରମୋଶନ ଟେଷ୍ଟରେ ନୟାଗଡ଼ ଜିଲାର ୫୧ ଛାତ୍ରୀଛାତ୍ର ଯୋଗ ଦେଇ ଏଲୋବେଲ୍ଟ, ଗ୍ରୀନ ବେଲ୍ଟ, ବ୍ଲୁ ବେଲ୍ଟ ଓ ରେଡ ବେଲ୍ଟ ପରୀକ୍ଷା ଦେଇଥିଲେ । ପରୀକ୍ଷାର୍ଥୀମାନେ ହାତ ଓ ଗୋଡ଼ରେ ପଟା ଓ ଇଟା ଭାଙ୍ଗି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ । ଛାତ୍ରୀମାନେ ଆତ୍ମରକ୍ଷା କଳା କୌଶଳ ଦେଖାଇଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇଥିଲେ । ନୟାଗଡ଼ ଟାଇକୋଣ୍ଡ ସ୍ପୋର୍ଟସ ଆସୋସିଏଶନ ସଭାପତି କୈଳାଶ ଜେନାଙ୍କ ପୌରୋହିତ୍ୟରେ ଓଡ଼ିଶା ଟାଇକୋଣ୍ଡ ସଂଘର ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ ବିଶିଷ୍ଟ ଅତିଥି ଓ ନୟାଗଡ ଏନଏସିର ପୂର୍ବତନ ଅଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ସମ୍ମାନିତ ଅତିଥି ଯୋଗ ଦେଇଥିଲେ । ଏହାକୁ ପରିଚାଳନା କରିଥିଲେ ନୟାଗଡ଼ ମାର୍ଶାଲ ଆର୍ଟ ଏକାଡେମୀରର ପ୍ରଶିକ୍ଷକ ଭବାନୀ ଶଙ୍କର ରାଜଗୁରୁ । ଏଥିରେ ୯ ଛାତ୍ରୀଛାତ୍ର ବ୍ଲାକ୍ ବେଲ୍ଟ ସାର୍ଟିଫିକେଟ ପାଇଥିଲେ ।



କଲରବେଲ୍ଟ ପ୍ରମୋଶନ ଟେଷ୍ଟରେ ସାମିଲ ଖେଳାଳିମାନେ ।

## ସମସ୍ୟାରେ ଗୋଲିଆ ଆଦର୍ଶ ବିଦ୍ୟାଳୟ



ଗୋଲିଆ ଆଦର୍ଶ ବିଦ୍ୟାଳୟ ।

**ବୁଗୁଡ଼ା,୧୯।୧୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଗୋଲିଆ ନିକଟରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ମାର୍ଟ ସ୍କୁଲର ମାନ୍ୟତା ପାଇଥିଲେ ସୁଦ୍ଧା ବିଭିନ୍ନ ସମସ୍ୟା ଘେରରେ ରହିଛି। ଦୀର୍ଘ ଦିନ ହେଲା ବିଦ୍ୟାଳୟରେ ସ୍ଥାୟୀ ପ୍ରିନ୍ସିପାଲ ନଥିବା ବେଳେ ସାମାଜିକ ବିଜ୍ଞାନ, କମ୍ପ୍ୟୁଟର, ମ୍ୟୁଜିକ୍, ଆର୍ଟ୍ ଆଦି ବିଷୟ ପାଇଁ କୌଣସି ଶିକ୍ଷକ ନାହାନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟର ପାଚେରୀ କି ସାଇକେଲ ଷ୍ଟାଣ୍ଡ ନଥିବା ବେଳେ ପିଲାଙ୍କ ଖେଳ ପାଇଁ ଅନୁପଯୁକ୍ତ ବିସ୍ତୀର୍ଣ୍ଣ ପଡିଆ ରହିଛି। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଦୁଇଟି ଲେଖାଏ ସେକ୍ସନ୍ ଏବଂ ଦଶମ ଶ୍ରେଣୀର ଗୋଟିଏ ସେକ୍ସନ ଏପରି ମୋଟ ନଅଟି ସେକ୍ସନ ରହିଥିବା ବେଳେ ବିଦ୍ୟାଳୟରେ ସମୁଦାୟ ସାତ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବା ଫଳରେ ପ୍ରତି ପିରିଅଡ଼ରେ ଦୁଇଟି ସେକ୍ସନରେ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ ରହୁଛି। ଏଥିସହ ଶ୍ରେଣୀ କକ୍ଷରେ ଶିକ୍ଷାର୍ଥୀଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରାଯାଇ ପାରୁନାହିଁ। ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ କେବଳ ଅଭିଭାବକ ଓ ଛାତ୍ରୀଛାତ୍ର ମହଲରେ ନୁହେଁ, ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମଧ୍ୟ ଚିନ୍ତାବ୍ୟକ୍ତ କରାଯାଇଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଭକ୍ତି ରସରେ ବୁଡ଼ାଇଲା ଲକ୍ଷ୍ମୀ ପୁରାଣ

## ଗଞ୍ଜାମ ସାଂସ୍କୃତିକ ମହୋତ୍ସବ ୨ୟ ସନ୍ଧ୍ୟା

**ବ୍ରହ୍ମପୁର ଅଫିସ୍,୧୯।୧୨**

ଗଞ୍ଜାମ କଳା ପରିଷଦଠାରେ ଚାଲିଥିବା ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବର ରବିବାର ୨ୟ ସନ୍ଧ୍ୟାରେ ଲୋକନାଟକ ଲକ୍ଷ୍ମୀ ପୁରାଣ ଦର୍ଶକଙ୍କୁ ଭକ୍ତି ରସରେ ବୁଡ଼ାଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମଞ୍ଚ ଉପସ୍ଥାପକ ହୃଷୀକେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ରୂପେ ବାଙ୍ଗାଲୋର ଓଡିଆ ସାହିତ୍ୟ ସମାଜର ସଭାପତି ତାପଜ ରାଜ ମହାରଣା, କାନାଡା କାଂସା ସାଂସ୍କୃତିକ କେନ୍ଦ୍ରର ମହାନିର୍ଦ୍ଦେଶିକା ଡ.ସୁନନ୍ଦା ମିଶ୍ର ପଣ୍ଡା, ଦକ୍ଷିଣ ଓଡିଶା ବରିଷ୍ଠ କଳାକାର ମହାସଂଘର ସଭାପତି ଡା.ତିରୁପତି ସାହୁ ଯୋଗ ଦେଇଥିଲେ । ମହୋତ୍ସବରେ ଲୋକନୃତ୍ୟ ସମ୍ପର୍କିତ ଆଲୋଚନା, କବିତା ପାଠୋତ୍ସବ ସହ ପୁଟବଗଡ ଗ୍ରାମର ମା' ସନ୍ତୋଷ ନାଟ୍ୟକଳା ସଂସଦର କଳାକାରଙ୍କ ଲୋକନାଟକ ଲକ୍ଷ୍ମୀ ପୁରାଣ ପ୍ରଦର୍ଶିତ ହୋଇଥିଲା । ଡ.ମିହିର କୁମାର ତ୍ରିପାଠୀ ଓ ସାକ୍ଷୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ନାୟକ, ସୁବାସ ଚନ୍ଦ୍ର ପାତ୍ର, ବିଶ୍ୱନାଥ ମହାପାତ୍ର, କୈଳାସ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ନାଟକର ଏକ ଦୃଶ୍ୟ ।

## ଡିଭାଇଡର ଭାଙ୍ଗି ପିକ୍‌ଅପ୍ ଉପରେ ଚଢ଼ିଗଲା ବସ୍

**ବ୍ରହ୍ମପୁର ଅଫିସ,୧୯।୧୨**

ବ୍ରହ୍ମପୁର ସହରର ପ୍ରବେଶ ପଥ ତଥା ଫାଷ୍ଟଗେଟ୍ ଛକରେ ଶନିବାର ରାତି ପ୍ରାୟ ସାଢ଼େ ୧୨ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ଟୁରିଷ୍ଟ ବସ୍ କର୍ମଚାରୀ ଫେରାର ହୋଇଯାଇଛନ୍ତି। ବ୍ରହ୍ମପୁର ଟ୍ରାଫିକ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ସୌଭାଗ୍ୟବଶତଃ ଏହି ଘଟଣାରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଟୁରିଷ୍ଟ ବସ୍(ନଂ ପିୱାଇ-୦୧-ଭିବି-୫୯୫୬) ଶନିବାର ରାତିରେ ଆସିକା ପଟୁ ଆସି ବ୍ରହ୍ମପୁର ସହରକୁ ପ୍ରବେଶ କରୁଥିଲା। ଫାଷ୍ଟଗେଟ୍ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇ ଅପରପାର୍ଶ୍ୱରେ ଛିଡା ହୋଇଥିବା ପିକ୍‌ଅପ ଭ୍ୟାନ (ନଂ ଓଡ଼ି-୦୭-ଜେଡ୍-୯୦୮୦) ଉପରେ ଚଢ଼ି ଯାଇଥିଲା। ଏଥିରେ ଭ୍ୟାନର ସମ୍ମୁଖ ଭାଗଟି ନଷ୍ଟ ହୋଇଯାଇଥିଲା। ସେହିପରି ଭ୍ୟାନଟି ପଛରେ ଥିବା ଅନ୍ୟ ଏକ ଟ୍ରକ୍ ସହ ମଧ୍ୟ ଧକ୍କା ଖାଇଥିଲା। ଏହି ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା ସୂଚନା ମିଳିଛି।